ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.15 Bhubaneswar Saturday February 18 2023 | ୨୬ତମ ବର୍ଷ ସଂଖ୍ୟା–୧୫ ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୮, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କିଟ୍-କିସ୍‌ରେ ପ୍ରତିଭାଙ୍କ ନାମରେ କ୍ରୀଡ଼ା ଭିତ୍ତିଭୂମି ଓ ଷ୍ଟାଡିୟମ୍ ଲୋକାର୍ପଣ

ଭୁବନେଶ୍ୱର,୧୭।୨(ପି.ଏନ): କିସ୍ ବିଶ୍ୱବିଦ୍ୟାଳୟ ୨ୟ କ୍ୟାମ୍ପସ୍ ତଥା କିସ୍-ଭୁବନେଶ୍ୱରର ୪ର୍ଥ କ୍ୟାମ୍ପସ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି । ଏଥିସହ ଭାରତର ବିଶିଷ୍ଟ କ୍ରୀଡ଼ା ପ୍ରତିଭା ଓ ବ୍ୟକ୍ତିବିଶେଷଙ୍କ ନାମରେ ନାମିତ କିଟ୍‌ର ବିଭିନ୍ନ ଷ୍ଟାଡିୟମ୍ ଓ ଭିତ୍ତିଭୂମିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି । ପୂର୍ବରୁ କିସ୍-ଭୁବନେଶ୍ୱର ଓ କିସ୍ ବିଶ୍ୱବିଦ୍ୟାଳୟର ବୃହତ କ୍ୟାମ୍ପସ୍ ଥିବା ବେଳେ ଏବେ ୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କିସ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । କିସ୍ ବିଶ୍ୱବିଦ୍ୟାଳୟର ଏହି ମେଗା କ୍ୟାମ୍ପସ୍‌ରେ ଆକାଡ଼େମିକ୍ ବିଲଡିଙ୍ଗ, ବୃହତ ଲାଇବ୍ରେରୀ, ୩ ହଜାର ଛାତ୍ର ରହିବା ଭଳି ଛାତ୍ରାବାସ, ୩ ହଜାର ଛାତ୍ରୀ ରହିବା ଭଳି ଛାତ୍ରୀନିବାସର ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କିଟ-କିସରେ ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ବହୁ ଉପଯୋଗୀ ଇଣ୍ଡୋର ଷ୍ଟାଡ଼ିୟମ ଓ କିଟ୍ କ୍ରିକେଟ ଷ୍ଟାଡ଼ିୟମ, ଦିଲିପ ତିର୍କୀ ହକି ଷ୍ଟାଡିୟମ୍, ଅଭିନବ ବିନ୍ଦ୍ରା ଇନ୍-ଡୋର ସୁଟିଂ ରେଞ୍ଜ, ରାହୁଲ ବୋଷ ରଗ୍‌ବୀ ଷ୍ଟାଡିଅମ୍, ଦେବାଶିଷ ଓ ଶିବ ସୁନ୍ଦର ଷ୍ଟାଣ୍ଡ, ବିଶ୍ୱନାଥନ୍ ଆନନ୍ଦ ଇଣ୍ଟରନ୍ୟାସ୍‌ନାଲ୍ ଚେସ୍ ହଲ୍, ଲିଆଣ୍ଡର ଚେସ୍ ଟେନିସ୍ ଷ୍ଟାଡିଅମ୍, ଦୂତି ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମ୍, ଅମିୟ ମଲ୍ଲିକ୍ ଆଥଲେଟିକ୍ ଷ୍ଟାଣ୍ଡ, ଶ୍ରାବଣୀ ନନ୍ଦ ଷ୍ଟାଣ୍ଡ, ମିନତୀ ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍, ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ୍ ଇନ୍-ଡୋର ହଲ୍, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଫୁଟ୍‌ବଲ୍ ଷ୍ଟାଡିୟମ୍‌କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ । ଏଥିରେ ପଦ୍ମଭୂଷଣ ଲିଆଣ୍ଡର ପେସ୍, ରାହୁଲ ବୋଷ, ଦିଲ୍ଲିପ ତିର୍କୀ, ଦୂତି ଚାନ୍ଦ, ଦେବାଶିଷ ମହାନ୍ତି, ମିନତି ମହାପାତ୍ର, ଅମୀୟ ମଲ୍ଲିକ, ଭରତ ସିଂ ଚୌହ୍ୱାନ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭିନିଲ୍ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମ ବିଭୂଷଣ ବିଶ୍ୱନାଥନ୍ ଆନନ୍ଦ, ପଦ୍ମଭୂଷଣ ଅଭିନବ ବିନ୍ଦ୍ରା, ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ ଏବଂ ପାରା ଅଲିମ୍ପିଆନ୍ ପ୍ରମୋଦ ଭଗତ ପ୍ରମୁଖ ଭର୍ଚୁଆଲ୍‌ରେ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହି ସବୁ ଭିତ୍ତିଭୂମିର ଲୋକାର୍ପଣ କରିଥିବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କହିଲେ, ଆଜି କିଟ୍ ଓ କିସ୍‌ର ଏତେଗୁଡିଏ କ୍ରୀଡ଼ା ଭିତ୍ତିଭୂମିକୁ ଏକାଥରକେ ଦେଶର ଖ୍ୟାତି ସମ୍ପନ୍ନ କ୍ରୀଡା ପ୍ରତିଭାଙ୍କ ନାମରେ ଉତ୍ସର୍ଗ କରାଯିବା ସମଗ୍ର ଦେଶରେ ଅନନ୍ୟ । ଏହା କ୍ରୀଡା କ୍ଷେତ୍ରରେ ଏକ ମାଇଲ୍ ଖୁଣ୍ଟ ହୋଇ ରହିବ ବୋଲି ସେ କହିଥିଲେ । ସେହିପରି କ୍ରୀଡା ପ୍ରତିଭାଙ୍କ ନାମରେ ବିଭିନ୍ନ ଷ୍ଟାଡିୟମ ଓ କ୍ରୀଡା ଭିତ୍ତିଭୂମିକୁ ନାମିତ କରିବା ଅଚ୍ୟୁତ ସାମନ୍ତଙ୍କ ଏକ ଅନନ୍ୟ ପ୍ରୟାସ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଶିଷ୍ଟ କ୍ରୀଡ଼ାବିତ୍‌ମାନେ ମତ ଦେଇଥିଲେ । କୌଣସି ଏକ ବିଶ୍ୱବିଦ୍ୟାଳୟରେ ଏତେ ବ୍ୟାପକ ଓ ବିଶ୍ୱସ୍ତରୀୟ କ୍ରୀଡା ଭିତ୍ତିଭୂମି ରହିବା ଏକ ଉଦାହରଣ ବୋଲି ସେମାନେ ମତ ପ୍ରକାଶ କରିଥିଲେ ।

ଚର୍ଚ୍ଚାରେ ପଶ୍ଚିମଓଡିଶାର ଦୁଇ ଜିଲ୍ଲାପାଳଙ୍କ ଲଭ୍ ଷ୍ଟୋରୀ

ଭୁବନେଶ୍ୱର,୧୭।୨(ପି.ଏନ): ପଶ୍ଚିମ ଓଡିଶାରେ କାର୍ଯ୍ୟରତ ଦୁଇଜଣ ଜିଲ୍ଲାପାଳଙ୍କ ପ୍ରେମ କାହାଣୀକୁ ନେଇ ଏବେ ପ୍ରଶାସନିକ ମହଲରେ ଚର୍ଚ୍ଚା । ଏହି ଦୁଇ ଜିଲ୍ଲାପାଳ ନିଜ ନିଜର ପତି-ପତ୍ନୀଙ୍କୁ ଛାଡପତ୍ର ଦେଇନଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ ଆଗାମୀ ଦିନରେ ବିବାହର ରୂପ ନେବାକୁ ଯାଉଛି । ଆଉ ଏହି ଦୁଇ ଜିଲ୍ଲାପାଳଙ୍କ ପତି-ପତ୍ନୀ ଏବେ ଦକ୍ଷିଣ ଓଡିଶାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି । ପାଓ୍ୱାର କରିଡରର ଚର୍ଚ୍ଚା ସୂଚନା ଅନୁସାରେ, ଓଡିଶା କ୍ୟାଡରର ଦୁଇଜଣ ଆଇଏଏସ୍ ନିଜ ନିଜ ବ୍ୟାଚ୍‌ର ମହିଳା ଆଇଏଏସ ଅଫିସରଙ୍କୁ ପ୍ରେମ କରି ବିବାହ କରିଥିଲେ । ଏହି ବିବାହ ଯୋଗୁ ସର୍ବଭାରତୀୟ ଚାକିରି ସର୍ତ୍ତାବଳୀ ଅନୁସାରେ ଉକ୍ତ ଦୁଇ ମହିଳା ଅଫିସର ମଧ୍ୟ ନିଜ ନିଜର କ୍ୟାଡର ଛାଡି ଓଡିଶା କ୍ୟାଡରକୁ ବାଛିଥିଲେ । ଏବେ ଉକ୍ତ ଦୁଇ ମହିଳା ଆଇଏଏସ୍ ୨ଟି ଆକାଂକ୍ଷା ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି । କିନ୍ତୁ ଉଭୟଙ୍କ ପ୍ରେମ ଓ ଦାମ୍ପତ୍ୟ ଜୀବନରେ ଭଙ୍ଗା ପଡିଛି । ଏହି ଦୁଇ ମହିଳା ଆଇଏଏସ ନିଜ ନିଜର ଆଇଏଏସ ପତି(ଦୁଇଜଣ ଯାକ ଜିଲ୍ଲାପାଳ)ଙ୍କଠୁ ସମ୍ପର୍କ ତୁଟାଇଛନ୍ତି । ଉଭୟଙ୍କ ମଧ୍ୟରୁ ଜଣେ ମହିଳା ଆଇଏଏସ୍ ଏବେ ନିଜର ପଡ?ଶୀ ଜିଲ୍ଲାର ମହିଳା ଜିଲ୍ଲାପାଳଙ୍କ ମଧ୍ୟସ୍ଥତାରେ ଜଣେ ଯୁବ ଆଇଏଏସଙ୍କ ପ୍ରେମରେ ପଡିଛନ୍ତି । ଆଉ ଉଭୟଙ୍କ ମାତୃଭାଷାରେ ପ୍ରାୟ ସମାନତା ଥିବାରୁ ସେମାନଙ୍କ ମଧ୍ୟରେ ସମ୍ପର୍କ ଖୁବଶୀଘ୍ର ଗଢ଼ି ଉଠିଛି । ଆଉ ଉଭୟ ଖୁଲମଖୁଲା ନିଜର ପ୍ରେମ ବି ପରିପ୍ରକାଶ କରୁଛନ୍ତି । ଗତ ବିଶ୍ୱକପ୍ ହକି ମ୍ୟାଚ୍ ସମୟରେ ମଧ୍ୟସ୍ଥତା କରୁଥିବା ମହିଳା ଜିଲ୍ଲାପାଳଙ୍କ ସହ ଉଭୟ ଜିଲ୍ଲାପାଳ(ପ୍ରେମୀଯୁଗଳ) ଭୁବନେଶ୍ୱର ଆସି କ୍ୱାଲିଟି ଟାଇମ୍ ବିତାଇଥିବାର ସୂଚନା ମିଳିଛି ।

ଓଡ଼ିଶାକୁ ମିଳିବନି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

ଭୁବନେଶ୍ୱର,୧୭।୨(ପି.ଏନ): ଓଡ଼ିଶାକୁ ମିଳିବନି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା । କେବଳ ଓଡିଶା ନୁହେଁ, କୌଣସି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦିଆଯିବ ନାହିଁ । ଏଥିଲାଗି ଅର୍ଥ କମିଶନ ତାଙ୍କ ରିପୋର୍ଟରେ ସୁପାରିଶ କରିଛନ୍ତି । ଆନ୍ଧ୍ରପ୍ରଦେଶ ବିଭାଜନ ସମୟରେ ରହିଥିବା ସର୍ତ୍ତ ଆଧାରରେ ତେଲେଙ୍ଗାନାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦିଆଯାଇଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ।ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରଣ । ବଜେଟରେ ମନରେଗା ଅର୍ଥ କମାଯାଇଥିବା ଅଭିଯୋଗ ନେଇ ସେ କହିଛନ୍ତି, ମନରେଗା ହେଉଛି ଚାହିଦା ଭିତ୍ତିକ ଯୋଜନା । ଲୋକଙ୍କ ଚାହିଦା ବଢ଼ିଲେ, ବ୍ୟୟବରାଦ ବଢ଼ିବ । ନରେନ୍ଦ୍ର ମୋଦି ସରକାର ଆସିବା ପରେ ମନରେଗାରେ ଦିଆଯାଉଥିବା ପାଣ୍ଠି ବର୍ଷ ଶେଷ ସୁଦ୍ଧା ସଂପୂର୍ଣ୍ଣ ବିନିଯୋଗ ହେଉଛି । ଯାହା ୧୦ ବର୍ଷର ୟୁପିଏ ସରକାରରେ ହେଉନଥିଲା । ମନରେଗା ଅର୍ଥ କମାଯାଇଥିବା ଅଭିଯୋଗ ଆଣି କିଛି ରାଜ୍ୟ ଏହାକୁ ପ୍ରସଙ୍ଗ କରୁଛନ୍ତି । କିନ୍ତୁ ଏମିତି ମଧ୍ୟ ରାଜ୍ୟ ଅଛନ୍ତି, ଯେଉଁମାନଙ୍କୁ ଆର୍ଥିକ ବର୍ଷ ଆରମ୍ଭରୁ ପାଣ୍ଠି ଦିଆଯାଉଥିଲେ ବି ଖର୍ଚ୍ଚ କରିପାରୁନାହାନ୍ତି । ଏହି ଯୋଜନାର ବ୍ୟୟ ବରାଦ ଅତିରିକ୍ତ ବ୍ୟୟ ବରାଦ ଜରିଆରେ ବଢାଇବାର ବିକଳ୍ପ ରହିଛି ବୋଲି ସେ କହିଛନ୍ତି ।ଶସ୍ୟ ସଂଗ୍ରହ ପାଇଁ ପାଣ୍ଠି କମାଯିବା ପ୍ରସଙ୍ଗରେ ଅର୍ଥମନ୍ତ୍ରୀ କହିଛନ୍ତି, "କୌଣସି ଶସ୍ୟ ସଂଗ୍ରହ କମାଇ ନାହିଁ । ଚାଷୀଙ୍କୁ ଆବଶ୍ୟକତା ପରିମାଣରେ ଦିଆଯାଉଥିବା ଚାହିଦା ବଢିଛି । ଏମ୍ ?ଏସ୍ ?ପି ମଧ୍ୟ ବଢିଛି । ତେଣୁ ଶସ୍ୟ କିଣା ପରେ ଚାଷୀଙ୍କୁ ଦିଆଯାଉଥିବା ଅର୍ଥ ମଧ୍ୟ ଅଧିକ ରହୁଛି । ଏମ୍‌ଏସ୍‌ପି ସିଧା ସଳଖ ଚାଷୀଙ୍କ ପାଖକୁ ଯାଉଛି । ଫଳରେ ଚାଷୀଙ୍କ ଅର୍ଥ ମଧ୍ୟସ୍ଥି ନେବା ପ୍ରକ୍ରିୟା ବନ୍ଦ ହୋଇଛି । ମୋଦି ସରକାରଙ୍କ ଅମଳରେ ଚାଷୀଙ୍କଠାରୁ ରେକର୍ଡ ପରିମାଣର ଶସ୍ୟ ସଂଗ୍ରହ ହେଉଛି । ତାହା ପୁଣି ଗଝଚ ଦରରେ ।"ଆଦାନୀ ପ୍ରସଙ୍ଗରେ ସେ କହିଛନ୍ତି, ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଜାରି ରହିଛି । ଷ୍ଟେଟ ବ୍ୟାଙ୍କ ଓ ସେବି ଯାହା କହିବା କଥା କହି ସାରିଛନ୍ତି । ଏହି ପ୍ରସଙ୍ଗରେ ଅଧିକ କିଛି କହିବା ଠିକ ହେବନି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

୧୯ ଶିଳ୍ପର ଉଦଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୨(ପିଏନ):ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ ରାଜ୍ୟରେ ୧୬ତମ ପର୍ଯ୍ୟାୟରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ୨ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ବେଳେ ୧୭ଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି । ମେକ ଇନ ଓଡିଶା କନକ୍ଲେଭ ୨୦୨୨ରେ ଏହି ପ୍ରକଳ୍ପ ଗୁଡିକ ପାଇଁ ପ୍ରସ୍ତାବ ଆସିଥିଲା । ଏହି ପ୍ରକଳ୍ପ ଗୁଡିକରେ ୧୬୫୦ କୋଟି ଟଙ୍କାର ହେବ ପୁଂଜି ବିନିଯୋଗ ହେବାକୁ ଥିବା ବେଳେ ୪ ହଜାର ୫ ଶହ ଜଣଙ୍କୁ ଏଥିରୁ ରୋଜଗାର ମିଳିବ ବୋଲି ଆକଳନ କରାଯାଇଛି । ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ପ୍ଲାଷ୍ଟିକ, ସମୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫାକଚରିଂ, ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତି, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଫାର୍ମାସିଟିକାଲ ଓ ଷ୍ଟିଲ ଡାଉନ ଷ୍ଟ୍ରିମ ଶିଳ୍ପ ସାମିଲ ରହିଛି ।ଭର୍ଚୁଆଲ ପ୍ଲାଟଫର୍ମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ କିଛି ବର୍ଷ ମଧ୍ୟରେ ମେଟାଲ, ମିନେରାଲ ଠାରୁ ଆରମ୍ଭ କରି କେମିକାଲ, ପେଟ୍ରୋକେମିକାଲ ଓ ଖାଦ୍ୟ ପ୍ରକ୍ରିୟାକରଣ ଓ ଅନ୍ୟ କ୍ଷେତ୍ରରେ ଓଡିଶା ଦେଶର ଏକ ବଡ ମାନୁଫାକଚରିଂ ହବ୍ ହୋଇ ପାରିଛି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶାରେ ପୁଂଜି ବିନିଯୋଗ କରିବାକୁ ଇଚ୍ଛୁକ ପୁଂଜିନିବେଶକାରୀଙ୍କୁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ।କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ନିଜର ଉଦବୋଧନରେ ଶିଳ୍ପ ସଂସ୍ଥା ମାନଙ୍କୁ ସ୍ୱାଗତ କରି କହିଥିଲେ ଯେ ଆଗାମୀ ଦିନରେ ଓଡିଶା ଦେଶର ଆଗାମୀ ମେନୁଫାକଚରିଂ ହବ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶିଳ୍ପ ମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ସରକାର ଯୋଗାଇ ଦେବେ ବୋଲି ସେ କହିଛନ୍ତି ।କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିକାଶ କମିଶନର ଶ୍ରୀମତୀ ଅନୁ ଗର୍ଗ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ ।

ଜାଗରରେ ଜଗିବେ ୩୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ

ଭୁବନେଶ୍ୱର,୧୭।୨(ପି.ଏନ): ଆସନ୍ତାକାଲି (ଶନିବାର) ପ୍ରଭୁ ଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ଅନୁଷ୍ଠିତ ହେବ । ଲିଙ୍ଗରାଜଙ୍କ ଜାଗରଯାତ୍ରା ପାଇଁ ୩୨ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ରହିବେ । କଂଟ୍ରୋଲ ରୁମ ଜରିଆରେ ସୁରକ୍ଷା ଯାଂଚ ପାଇଁ ବ୍ୟବସ୍ଥା କରାଯାଇଛି । ମନ୍ଦିର ଭିତର, ବାହାର , ପାର୍କିଂ ସିସିଟିଭି ସର୍ଭିଲାନ୍ସରେ ରହିବ । ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବେ । ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଗାଡି ରଖିବା ପାଇଁ ୧୬ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ମହାଦୀପ ଉଠିବ । ଏହାପରେ ଭକ୍ତମାନେ ରାତି ୧୦ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ କରିପାରିବେ । ଶନିବାର ରାତି ୩ଟାରୁ ପ୍ରଭୁ ଲିଙ୍ଗରାଜଙ୍କର ମଙ୍ଗଳ ଆଳତୀ ଓ ଅବକାଶ ନୀତି କରାଯିବ । ଏହାପରେ ଭୋର ସାଢେ ୩ଟାରୁ ୧୧ଟା ଯାଏଁ ସାହାଣ ମେଲାଦର୍ଶନ ହେବ । ଦିନ ୧୨ଟାରେ ମହାସ୍ନାନ ହେବ । ଏହାପରେ ଅପରାହ୍ନ ୩.୪୫ରୁ ୪.୪୫ ପର୍ଯ୍ୟନ୍ତ ଘଂଟାଏ ଧରି ସାହାଣମେଲା ଦର୍ଶନ ହେବ । ତେବେ ସନ୍ଧ୍ୟା ୭ଟାରେ ଶ୍ରୀଜୀଉଙ୍କ ପହୁଡ ପଡିବ । ଏହାପରେ ସନ୍ଧ୍ୟା ୭ଟା ୧୦ରୁ ୭ଟା ୩୦ ମଧ୍ୟରେ ସନ୍ଧ୍ୟା ଆଳତୀ ଓ ଟେରାଫିଟା ହେବ । ରାତି ୮ଟା ୫୫ରୁ ୧୦ ଟା ପର୍ଯ୍ୟନ୍ତ ସନ୍ଧ୍ୟା ଧୂପ ଓ ତୀର୍ଥ ଜଳ ଆନୟନ କରାଯିବ । ରାତି ୧୦ଟାରେ ମହାଦୀପ ଉଠିବ । ମହାଦୀପ ଉଠିବା ପରେ ଆଉ ଏକ ଘଂଟା ଧରି ଭକ୍ତମାନେ ସାହାଣମେଲା ଦର୍ଶନ କରିବେ । ଏହାପରେ ଚାରିପ୍ରହର ପୂଜା, ହରିହର ଭେଟ ହେବ ଶେଷରେ ବଡସିଂହାର ବେଶ ହେଇ ପହୁଡ ପଡିବ ।

କ୍ୟାବିନେଟ୍ ମନ୍ତ୍ରୀଙ୍କୁ ମାରିପାରୁଛନ୍ତି, ମୋତେ ବି ମାରିପାରିବେ: ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୧୭।୨(ପି.ଏନ): ମୁଁ ଜଣେ ସାଧାରଣ ମଣିଷ । ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ମାରିପାରୁଛନ୍ତି, ମୋତେ ବି ମାରିପାରିବେ । ଏହା କହିଛନ୍ତି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର । ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଆଇପିଏସ ଅଧିକାରୀ ଅରୂପ ପଟ୍ଟନାୟକଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି ଯେ ସେ ଚାହିଁଲେ ମାରିପାରିବେ । ସେ ଯେଉଁଠିକି କହିବେ ସେଠାକୁ ଯିବି । ମୋତେ ମାରିପାରିବେ । ସେ କହିଛନ୍ତି ଯେ ରାଜ୍ୟରେ ଜଣେ ଏପରି କହିପାରୁଛି, ଏଥିରୁ ଶାସନ ବ୍ୟବସ୍ଥା ଜଣାପଡୁଛି । ସେ କହିଛନ୍ତି ଯେ ମୁମ୍ବାଇରେ 'ବାଂଲାଦେଶୀ ବିକ୍ଷୋଭ ବେଳେ ଅରୂପ ବାବୁ କମିଶନର ଥିଲେ । ସେତେବେଳେ ତାଙ୍କ ଭୂମିକା କ'ଣ ଥିଲା ସମସ୍ତେ ଜାଣିଛନ୍ତି । ବିରୋଧୀ ଦଳର ନେତା ପୋଲିସକୁ ମଧ୍ୟ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଗୁଳିକରି ମରାଗଲା, କେହି ତ କ୍ଷମା ମାଗିଲେନି । ଗୃହ ବିଭାଗ ମୁଖ୍ୟ ମୁଖ୍ୟମନ୍ତ୍ରୀ ମଧ୍ୟ ଘଟଣାରେ କ୍ଷମା ମାଗିଲେନି ।

ପିକଅପ୍ ଭ୍ୟାନ୍ ରୁ ୩୫୦ କେଜି ଗଞ୍ଜେଇ ଜବତ

ଗଞ୍ଜାମ, ୧୭।୨(ପି.ଏନ): ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଗୋଛାଛକ ୫୯ ନମ୍ବର ଜାତୀୟ ରାଜପଥରେ ପୋଲିସ ପକ୍ଷରୁ ଯାନବାହନ ଯାଂଚ୍ ବେଳେ ଏକ ଗଞ୍ଜେଇ ବୋଝେଇ ପିକଅପ୍ ଭ୍ୟାନ୍ କୁ ଜବତ କରାଯାଇଛି । ଏଥିରୁ ୩୫୦ କେଜି ଗଞ୍ଜେଇ ଜବତ ହୋଇଛି । ତେବେ ଗାଡି ଚାଳକ ଓ ଗଞ୍ଜେଇ ଚାଲାଣକାରୀ ଫେରାର୍ ହୋଇଯାଇଛନ୍ତି ।କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ପଟୁ ସୋରଡ଼ା -ବ୍ରହ୍ମପୁର ରାସ୍ତା ଦେଇ ଏହି ଗଞ୍ଜେଇ ଚାଲାଣ କରାଯାଉଥିବା ସୂଚନା ପାଇ ଗତକାଲି ରାତିରେ ସୋରଡ଼ା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଓ ଏସଆଇ ସୁନିଲ କଣ୍ଡଗୋରିଙ୍କୁ ନେଇ ଗଠିତ ଏକ ଟିମ୍ ଚୋଛାଛକରେ ଯାଂଚ୍ ଆରମ୍ଭ କରିଥିଲେ । ତେବେ ଛକ ପୂର୍ବରୁ ଗଞ୍ଜେଇ ବୋଝେଇ ଭ୍ୟାନ୍ ଟି ପୋଲିସକୁ ଚକମା ଦେଇ ପଳାଇଯିବାକୁ ଚେଷ୍ଟା କରିଥିଲା । ପୋଲିସ ଏହା ପିଛା କରି ଗାଡିଟିକୁ ଏକ ନିଛାଟିଆ ଜଙ୍ଗଲ ନିକଟରୁ ଠାବ କରିଥିଲା । ତେବେ ଡ୍ରାଇଭର ଓ ଚାଲାଣକାରୀ ସେଠାରୁ ଫେରାର୍ ହୋଇଯାଇଥିଲେ । ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା ।

ମହର୍ଷି ପବ୍ଲି

ଟି ଟାଇମ୍

ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

ପୁରାଣ କାହାଣୀ

ରାମଙ୍କ ପିତୃସତ୍ୟ ପାଳନ

ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।

ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହେଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ।

ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା

ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ

ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ହିନ୍ଦୀ ପାଇଁ ଗାର୍ଡିଆନର ଗାତ୍ରଦାହ

ସୌମେନ୍ଦ୍ର ଜେନା

ଦେଶବାସୀ ଭିନ୍ନ ଭାଷାଭାଷୀ ହୋଇଥିବାରୁ ଦେଶର ସବୁ ଶିକ୍ଷା କେବଳ ଇଂରାଜୀରେ ନୁହେଁ ଆଞ୍ଚଳିକ ଭାଷାରେ ହେବାର ବ୍ୟବସ୍ଥା କରାଗଲେ ଅଧିକରୁ ଅଧିକ ଲୋକେ ସଚେତନ ହେବେ, ଶିକ୍ଷା ପାଉଥିବା ପିଲାମାନେ ଭାଷାଗତ ଅସୁବିଧାରୁ ରକ୍ଷା ପାଇବା ସହ ନିଜ ଭାଷାରେ ଲୋକଙ୍କୁ ବୁଝାଇବା ସହଜ ହେବ । ଏପରିକି ଡାକ୍ତରଙ୍କ ଔଷଧ ବିଷୟରେ ଜାଣିବା ସାଧାରଣ ବ୍ୟକ୍ତି ପାଇଁ ସହଜ ହେବ ବୋଲି ଯୁକ୍ତି ଦର୍ଶାଇ ଚଳିତବର୍ଷରୁ ଏଥିପାଇଁ ପଦକ୍ଷେପ ନେବା ଆରମ୍ଭ ହୋଇଛି । ନିକଟରେ ମଧ୍ୟପ୍ରଦେଶ ସରକାର ନିଜ ରାଜ୍ୟରେ ହିନ୍ଦୀ ଭାଷାରେ ଡାକ୍ତରୀ ଶିକ୍ଷା ପ୍ରଦାନ କରାଯିବାକୁ ଘୋଷଣା କରିବା ପରେ ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡର ସରକାର ମଧ୍ୟ ନିଜ ରାଜ୍ୟରେ ଖୁବ୍ ଶିଘ୍ର ହିନ୍ଦୀରେ ଡାକ୍ତରୀ ଶିକ୍ଷା ପ୍ରଚଳନ କରିବେ ବୋଲି ଘୋଷଣା କରିସାରିଲେଣି । ଠିକ୍ ଏହି ସମୟରେ ୨୨ ଅକ୍ଟୋବର ୨୦୨୨ରେ ବ୍ରିଟେନର "ଦି ଗାର୍ଡିଆନ" ସମ୍ବାଦପତ୍ରରେ ନୂଆଦିଲ୍ଲୀର ଅମ୍ରିତ ଧିଲୋଁଙ୍କ ଦ୍ୱାରା ଲିଖିତ ଲେଖାଟି ଦେଖିବାର ସୁଯୋଗ ମିଳିଲା । ଏଥିରେ ଭାରତୀୟ ଭାଷାରେ ଚିକିତ୍ସା ଶାସ୍ତ୍ରର ପଠନ ଇଂରାଜୀ ବିନା ସମ୍ଭବ ନୁହେଁ ବୋଲି ପ୍ରତ୍ୟୟ କରିବା ପାଇଁ ଯୁକ୍ତି ଦର୍ଶାଯାଇ ଯେପରି ଇଂରେଜ ଶାସନକାଳର ନାମ ପରିବର୍ତ୍ତନକୁ ଆଣି ଯୋଡାଯାଇଛି ତାହା ଏହି ସମ୍ବାଦପତ୍ରର ଗାତ୍ରଦାହୀ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି । ଏଥିରୁ ପ୍ରକୃତରେ କିପରି ଆମେରିକା ଏବଂ ୟୁରୋପର କ୍ଷତି ହେବ ତାହା ମଧ୍ୟ ବେଶ୍ ଜଣାପଡିଲାଣି ।

ଏଥିରେ କୁହାଯାଇଛି ଯେ ଗତ ଆଠବର୍ଷ ହେଲା ସରକାରକୁ ଆସିବା ପରଠାରୁ ନରେନ୍ଦ୍ର ମୋଦି, ଅମିତ ଶାହ ଏବଂ ଅନ୍ୟ ଭାରତୀୟ ଜନତାପାର୍ଟି ନେତାମାନେ ଉତ୍ତର ଭାରତର ଭାଷା ହିନ୍ଦୀ ସପକ୍ଷରେ କହିଆସୁଛନ୍ତି । ତେବେ ଆଜି ହିନ୍ଦୀ କେବଳ ଉତ୍ତର ଭାରତର ଭାଷା ଭାବେ ସୀମିତ ନରହି ଭାରତର ରାଷ୍ଟ୍ରଭାଷା ମାନ୍ୟତା ଲାଭ କରିଛି । ତେଣୁ ଦେଶର ହିନ୍ଦୀ ସିନେମା ଉତ୍ତର ଭାରତରେ ନିର୍ମିତ ନହୋଇ ପଶ୍ଚିମ ଭାରତର ମହାରାଷ୍ଟ୍ରରେ ହୋଇଆସୁଛି । ବଲିଉଡର କେନ୍ଦ୍ର ନୂଆଦିଲ୍ଲୀ, ଲକ୍ଷ୍ନୌ, ଭୋପାଳ ନ ହୋଇ ମୁମ୍ବାଇ ରହିଆସିଛି । ବଲିଉଡର ସିନେମାରେ ପାକିସ୍ଥାନୀ ମୂଳର ଶାହରୁଖ ଖାଁଙ୍କଠାରୁ ଆଫଗାନୀ ପାଷ୍ଟୁନ ଆମଜାଦ୍ ଖାଁଙ୍କ ପର୍ଯ୍ୟନ୍ତ ଅନେକ ବିଦେଶୀ ମୂଳର କଳାକାର ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି । ବଲିଉଡର ଏହି ସଫଳତା ଭାରତ ଭିତରେ ସୀମିତ ନରହି ବିଶ୍ୱବ୍ୟାପି ହୋଇଛି । ଭାରତ ବାହାରେ ପୃଥିବୀର ଅନେକ ଦେଶର ଲୋକେ ବଲିଉଡ ସିନେମା ଦେଖି ହିନ୍ଦୀକୁ ବୁଝିବା ପାଇଁ ସକ୍ଷମ ହୋଇଛନ୍ତି । କେନ୍ଦ୍ର ଏସିଆ, ମଧ୍ୟପ୍ରାଚ୍ୟ ଏସିଆ, ୟୁରୋପ ଠାରୁ ଆଫ୍ରିକା ପର୍ଯ୍ୟନ୍ତ ବଲିଉଡର ପ୍ରଭାବ ରହିଛି । ଏକଶହରୁ ଅଧିକ ଦେଶରେ ଆଜି ହିନ୍ଦୀ ଭାଷା ଶିକ୍ଷା ଦିଆଯାଉଛି । ବିଶ୍ୱବିଦ୍ୟାଳୟଗୁଡିକରେ ହିନ୍ଦୀ ଗବେଷଣା ପାଇଁ ଡିଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି । ଆଜି ହିନ୍ଦୀ ଭାରତର ରାଷ୍ଟ୍ରଭାଷାରୁ ବିଶ୍ୱର ଭାଷା ହେବା ଦିଗରେ ଆଗେଇ ଚାଲିଛି । ଏହି ସଫଳତାକୁ ଦେଖି ଯଦି ଦେଶର ପ୍ରଧାନମନ୍ତ୍ରୀ ଭାରତୀୟମାନଙ୍କୁ ବିଦେଶୀ ଶାସିତ ବା ଉପନିବେଶକାରୀ ମାନସିକତା ମଧ୍ୟରୁ ମୁକ୍ତି ପାଇବାକୁ ଆହ୍ୱାନ ଦେଉଛନ୍ତି ତାହା ଦେଶ ଜନତାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ବୋଲି ଗ୍ରହଣ କରାଯିବ । କାରଣ ଦେଶରେ ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଶାସନ, ପ୍ରଶାସନ, ବିଜ୍ଞାନ ଆଦି ହିନ୍ଦୀ କିମ୍ବା ସ୍ଥାନୀୟ ଭାଷାରେ ସବୁଠି ନହୋଇ ଇଂରାଜୀ ମାଧ୍ୟମରେ ହେବା ଦ୍ୱାରା ପ୍ରଶାସନିକ କଳର ଫାଇଲଠାରୁ ଆରମ୍ଭ କରି ଓକିଲଙ୍କ ଫାଇଲ ପର୍ଯ୍ୟନ୍ତ ସାଧାରଣ ଲୋକେ ବୁଝିବା ସମ୍ଭବପର ହୋଇପାରିନାହିଁ । ଯେଉଁଥିପାଇଁ ସାଧାରଣ ଲୋକେ ଠିକଣା ଭାବରେ ନ୍ୟାୟ ପାଇବା କଷ୍ଟକର ହୋଇଛି । ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ସବୁକିଛି ବ୍ୟବସ୍ଥାକୁ ଲୋକଙ୍କ ନିକଟତର କରିବାଲାଗି ପ୍ରୟାସ ଜାରି ରଖିଛନ୍ତି । କେବଳ ସ୍ୱଚ୍ଛଳବର୍ଗ, ଶିକ୍ଷିତବର୍ଗ, ଧନୀବର୍ଗ ନୁହଁନ୍ତି ସାଧାରଣ ଗରିବବର୍ଗର ଲୋକେ କିପରି ଦେଶର ବ୍ୟବସ୍ଥାରେ ଅଂଶୀଦାର ହେବେ ସେଥିପାଇଁ ସରକାରଙ୍କ ଉଦ୍ୟମ ଜାରିରହିଛି । ଏହା ବ୍ୟବସ୍ଥା ପରିବର୍ତ୍ତନର ସଫଳତମ ଅଧ୍ୟାୟ, ବ୍ୟବସ୍ଥାକୁ ଭାରତମୁଖୀ କରାଇବା ଏହାର ଉଦ୍ଦେଶ୍ୟ ।

ଚଳିତ ମାସ ମହାରାଷ୍ଟ୍ରର ସରକାର "ହେଲୋ" ବଦଳରେ ସରକାରୀ କର୍ମଚାରୀ "ବନ୍ଦେ ମାତରମ୍" କହି ସ୍ୱାଗତ କରିବାକୁ କହିଛନ୍ତି । ଗଣତନ୍ତ୍ର ଦିବସ ପରେଡର ବାଦ୍ୟଧୂନ ମଧ୍ୟରୁ ବ୍ରିଟିସକାଳର "ଏବାଇଡ ୱିଥ୍ ମି"କୁ ହଟାଇ ଦିଆଯାଇଛି । ନୌସେନା ବାହିନୀର ପତାକାରୁ ଇଂରେଜକାଳର କ୍ରୁସ ଚିହ୍ନକୁ ବାଦ୍ ଦିଆଯାଇଛି । ଦେଶର ଅନେକ ସ୍ଥାନ, ସଡକ, ଷ୍ଟେସନ, ଅନୁଷ୍ଠାନଗୁଡିକର ନାମକୁ ବଦଳାଯାଇଛି ।

"ଦି ଗାର୍ଡିଆନ୍" କହିବାନୁସାରେ ଯେଉଁପରି ଭାରତର ଡାକ୍ତରମାନେ ବିଦେଶରେ ୟୁରୋପ, ଆମେରିକା, ମଧ୍ୟପ୍ରାଚ୍ୟ, ଏସିଆରେ ନିଯୁକ୍ତି ପାଉଥିଲେ ସେଭଳି ଆଉ ପାଇପାରିବେ ନାହିଁ । ଏହା ଫଳରେ ସେମାନେ କ୍ଷତିଗ୍ରସ୍ତ ହେବେ । ଗାର୍ଡିଆନର କହିବାର ଅର୍ଥ ଭାରତ ସବୁଦିନ ଇଂରେଜୀ ମାଧ୍ୟମରେ ଡାକ୍ତରୀ ଶିକ୍ଷା ଦେବାପାଇଁ ଅର୍ଥ ଖର୍ଚ୍ଚ କରୁ ଆଉ ୟୁରୋପ-ଆମେରିକା ସେମାନଙ୍କ ଡାକ୍ତରଖାନାରେ ସେମାନଙ୍କୁ ନିଯୁକ୍ତି ଦେଇ ସବୁଦିନ ସେବା ପାଉଥାଆନ୍ତୁ । ଏହା ଉପନିବେଶବାଦୀ ବିଚାର ଭିନ୍ନ ଅନ୍ୟ କିଛି ନୁହେଁ । କାରଣ ଭାରତରେ ଡାକ୍ତର ବାହାର କରିବା ପାଇଁ ସରକାର ସାଧାରଣ ଜନତାଙ୍କର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବା ସମୟରେ ସେମାନେ ଶିକ୍ଷା ଲାଭ କରି ବିଦେଶରେ ନିଯୁକ୍ତି ପାଇବା ପରେ ସେଠାକାର ନାଗରିକତ୍ୱ ଗ୍ରହଣ କରି ସ୍ଥାୟୀ ବାସିନ୍ଦା ହେଉଛନ୍ତି । ଫଳରେ ଭାରତର ଜନସାଧାରଣଙ୍କ ଅର୍ଥର ଭରଣା ହୋଇପାରୁ ନାହିଁ । ଯେଉଁ କାରଣରୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ଆଜିଯାଏଁ ଆବଶ୍ୟକ ତୁଳନାରେ କମ୍ ସଂଖ୍ୟାରେ ଡାକ୍ତର ଭାରତରେ କାର୍ଯ୍ୟ କରୁଛନ୍ତି । ଅଥଚ ବ୍ରିଟେନର ସ୍ୱାସ୍ଥ୍ୟସେବାରେ ଭାରତୀୟ ମୂଳର ଡାକ୍ତରମାନେ ଭରି ରହିଛନ୍ତି । ଆମେରିକାର ଅନେକ ଡାକ୍ତରଖାନାରେ ଭାରତୀୟ ଡାକ୍ତର କାର୍ଯ୍ୟରତ । ଅନ୍ତତଃପକ୍ଷେ ହିନ୍ଦୀଭାଷୀ ଡାକ୍ତରମାନେ ଶିକ୍ଷାଲାଭ ପରେ "ଉଡନ୍ ଛୁ" ନହୋଇ ଭାରତର ଡାକ୍ତରଖାନାରେ ନିଯୁକ୍ତ ହେବେ ଏହା ନିଶ୍ଚିତ । ସରକାର ସେହି ଲକ୍ଷ୍ୟରେ ଏହି ପାଠ୍ୟକ୍ରମ ଆରମ୍ଭ କରିଛନ୍ତି ।

'ଦି ଗାର୍ଡିଆନ'ର ଅନ୍ୟ ଏକ ଯୁକ୍ତି ହେଲା ଯେ ୯୭ ଜଣିଆ ସେନାବାହିନୀ (ଅନୁବାଦକ) ଗତ ନଅମାସ ଧରି ଚିକିତ୍ସାଶାସ୍ତ୍ରକୁ ବୁଝାଇବା ଲାଗି ବିକଳ୍ପ ହିନ୍ଦୀଶବ୍ଦ ଖୋଜିବାର ଅନୁସନ୍ଧାନ ଚଳାଇ ଆସିଥିଲେ । ମଧ୍ୟପ୍ରଦେଶର ୧୩ ଡାକ୍ତରୀ କଲେଜରେ ଚଳିତବର୍ଷ ନଭେମ୍ବର ମାସରୁ ହିନ୍ଦୀ ଶିକ୍ଷାଦାନ ଆରମ୍ଭ ହେବ । କିନ୍ତୁ ପ୍ରକୃତରେ ଏହି ଶିକ୍ଷା ଅକ୍ଟୋବର ମାସରୁ ଆରମ୍ଭ ହୋଇଗଲାଣି । ଗାର୍ଡିଆନର ଲେଖକ ପୁଣି କହିଛନ୍ତି ଯେ ଯେଉଁ ଛାତ୍ରଛାତ୍ରୀମାନେ ଅନର୍ଗଳ ଇଂରାଜୀ କହିବାରେ ଦୁର୍ବଳ ସେମାନେ ମୋଦିଙ୍କୁ ନିଶ୍ଚିତ ଭାବେ ସମର୍ଥନ କରିବେ । ୨୦୨୦ରୁ ଆୟୁର୍ବେଦ ଚିକିତ୍ସକମାନେ ଶଲ୍ୟ ଚିକିତ୍ସା (ସର୍ଜରୀ) କରିପାରିବେ ବୋଲି ସରକାର ଅନୁମତି ଦେବା ଭୟଙ୍କର ବୋଲି ଗାର୍ଡିଆନ କହିଛି । କିନ୍ତୁ ଅତୀତରୁ ଆଜିଯାଏ ଏହି ଚିକିତ୍ସାଶାସ୍ତ୍ରରେ ଶଲ୍ୟ ବ୍ୟବସ୍ଥା ରହିଆସିଛି । ସଫଳ ଅର୍ଶ ଚିକିତ୍ସା ଆୟୁର୍ବେଦର ଶଲ୍ୟ ମାଧ୍ୟମରେ କରାଯାଇଥାଏ । ହେଲେ ନିଜ ଆଭିମୁଖ୍ୟକୁ ପ୍ରତିଷ୍ଠା ଦେବା ଉଦ୍ଦେଶ୍ୟରେ କିଛି ହାତଗଣା ଡାକ୍ତରଙ୍କ ମତକୁ ଏଥିରେ ସାମିଲ କରାଯାଇଛି ଯେଉଁମାନେ ହିନ୍ଦୀ ମାଧ୍ୟମରେ ଚିକିତ୍ସା ଶିକ୍ଷା ବିଫଳ ହେବ ବୋଲି ଯୁକ୍ତି ବାଢିଛନ୍ତି । ଏଠାରେ କହିବା କଥା ଯେ ରୁଷିଆ ସମେତ ଜାପାନ ଏବଂ ୟୁରୋପର ଅନେକ ରାଷ୍ଟ୍ରରେ ନିଜ ଭାଷାରେ ଚିକିତ୍ସା ଶିକ୍ଷା ଦିଆଯାଇଆସୁଛି । ସଫଳତାର ସହ ସେସବୁ ଦେଶରେ ଚିକିତ୍ସକମାନେ କାର୍ଯ୍ୟକରିବା ସହ ନୂତନ ଗବେଷଣାର ପଥପ୍ରଦର୍ଶକ ମଧ୍ୟ ହୋଇଛନ୍ତି । ଏହି ଖବରକାଗଜର ଇତିହାସକୁ ଦେଖିଲେ ଦି ମାଞ୍ଚେଷ୍ଟର ଗାର୍ଡିଆନ ୧୮୨୧ରୁ ୧୯୫୯ ପର୍ଯ୍ୟନ୍ତ ମାଞ୍ଚେଷ୍ଟରରୁ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ର ଭାବେ ପ୍ରକାଶ ପାଉଥିଲା, ଯାହା ଷ୍ଟାମ୍ପ ଟିକସ ଛାଡପରେ ୧୯୫୯ରୁ ଦୈନିକ ସମ୍ବାଦପତ୍ର ଭାବେ ପ୍ରକାଶ ପାଉଛି । ୧୯୬୪ରୁ ଏହାର କାର୍ଯ୍ୟାଳୟ ଲଣ୍ଡନରୁ ଚାଲିଆସିଛି । 'ଦି ସ୍କଟ ଟ୍ରଷ୍ଟ' ମାଲିକାନାରେ ପ୍ରକାଶିତ ଏହି ଖବରକାଗଜରେ ଅନେକ ସମୟରେ ଭାରତ ସଂପର୍କରେ ନକାରାତ୍ମକ ଧାରଣା ସଂପନ୍ନ ଲେଖା ପ୍ରକାଶ ପାଇଥାଏ । ଦେଢଲକ୍ଷ ସଂଖ୍ୟାରେ ପ୍ରସାରିତ ଏହି ସମ୍ବାଦପତ୍ର ଭାରତର କୌଣସି ରାଜ୍ୟର ସ୍ଥାନୀୟ ଭାଷାର ସମ୍ବାଦପତ୍ରଠାରୁ ମଧ୍ୟ ପ୍ରସାରରେ କମ୍ । କିନ୍ତୁ ଅନୁସନ୍ଧାନ ଏବଂ ବିଦେଶ ସମ୍ବାଦ ପରିବେଷଣ ନାମରେ ଏହି ସମ୍ବାଦପତ୍ର ନିଜର ସ୍ୱତନ୍ତ୍ର ଏଜେଣ୍ଡା ନେଇ କାର୍ଯ୍ୟ କରିଥାଏ । ୨୦୦ ବର୍ଷରୁ ଅଧିକ କାଳ ଧରି ଭାରତରେ ଶାସନ କରି ବ୍ରିଟେନର ଭାଷା, ସଂସ୍କୃତି ଏବଂ ଧର୍ମକୁ ଜବରଦସ୍ତ ପ୍ରତିଷ୍ଠା ଦେଇଥିବା ରାଷ୍ଟ୍ରବାସୀଙ୍କୁ ଏକଦା ଉପନିବେଶ ଥିବା ସ୍ୱାଧୀନ ରାଷ୍ଟ୍ରର ଲୋକେ ସେମାନଙ୍କ ଦୀର୍ଘଦିନର ଉପନିବେଶବାଦୀ ଶିକ୍ଷା ବ୍ୟବସ୍ଥାକୁ ତ୍ୟାଗ କରିବା ଆଦୌ ଭଲଲାଗିବ ନାହିଁ । ତେଣୁ ହିନ୍ଦୀ ପାଇଁ ଗାର୍ଡିଆନର ଗାତ୍ରଦାହ ହେବା ସ୍ୱାଭାବିକ ।

-ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

—ଅତୀତର ଗ୍ରାମ୍ୟଜୀବନ—

ସ୍ୱାଧୀନତା ପୂର୍ବରୁ ଆମ ଗାଁମାନଙ୍କର ସାଂସ୍କୃତିକ ଜୀବନ ଯାହା ଥିଲା ସମସ୍ତେ ପ୍ରାୟ ଊଣା ଅଧିକେ ଜାଣନ୍ତି । କୃଷି ଉପରେ ନିର୍ଭରଶୀଳ ଗ୍ରାମବାସୀ ସଂଧ୍ୟାବେଳେ କେଉଁଠି ଟିକିଏ ବସି ଭାଗବତ ଶୁଣୁଥିଲେ କିମ୍ବା ରାମାୟଣ ଶୁଣୁଥିଲେ । ଫଗୁଣ ମାସ ବେଳକୁ ଚାଷକାମ ସରି ଯାଇଥିବାରୁ ଏହି ସମୟରେ ଗାଁକୁ ପାଲା, ଦାସକାଠିଆ, ଯାତ୍ରାବାଲା ସବୁ ଆସୁଥିଲେ ସେମାନଙ୍କ କଳା ପ୍ରଦର୍ଶନ ପାଇଁ । ଗାଁମାନଙ୍କରେ ମହାଭାରତ କ୍ୱଚିତ ପଢ଼ାଯାଉଥିଲା, କାରଣ ମହାଭାରତ ପଢ଼ିଲେ କାଳେ ପରିବାର ଭିତରେ କଳି କଜିଆ ଲାଗେ । ଏହିପରି ଏକ ଭୁଲ ଧାରଣା ଲୋକମାନଙ୍କ ଭିତରେ ସୃଷ୍ଟି କରାଯାଇଛି । ଯେଉଁଠି ଭାଗବତ ଗାଦିଥାଏ ସେଠି ହପ୍ତା ବସେ ଅର୍ଥାତ୍ ଭାଗବତ ସପ୍ତାହ ପାଳନ କରାଯାଏ । ସେଇ କେତେଦିନ ଗ୍ରାମ ଭିତରେ ଆମିଷ ପଶେ ନାହିଁ । ରାମାୟଣ ପଢ଼ାଗଲେ ମଧ୍ୟ ଗାଁରେ ଆମିଷ ପଶେ ନାହିଁ । ଏହି ସବୁ ପରମ୍ପରା ଆମ ଗ୍ରାମ୍ୟ ଜୀବନକୁ ଶୃଙ୍ଖଳିତ ଓ ସଂଜତ କରିପାରିଥିଲା । ଦାସକାଠିଆ ଓ ପାଲାବାଲାଙ୍କ ଛଡ଼ା ଆଉ କେତୋଟି ସଂପ୍ରଦାୟର ଲୋକ ଆମ ଗାଁ ମାନଙ୍କୁ ଆସୁଥିଲେ ସେମାନଙ୍କ ଭିତରେ ଥିଲେ ସାପୁଆକେଳା, ସବାଖିଆକେଳା, ନାଉତୁମ୍ବା ବଜାଉଥିବା କେଳା କେଳୁଣୀ ।

ନାଉତୁମ୍ବାରେ ତିଆରି ହୋଇଥିବା ଧୁଡୁକି ବାଦ୍ୟ ବଜାଇ ଯେଉଁମାନେ ନାଚୁଥିଲେ ମୁଁ ସେମାନଙ୍କ କଥା ଆଗେ ଲେଖୁଛି । ଏଇ ଫଗୁଣ ଚୈତ୍ର ବେଳକୁ ଏଇକେଳାମାନେ ଆସି ଦାଣ୍ଡ ଦୁଆରେ ଧୁଡୁକି ବଜାଇ ଗୀତ ବୋଲନ୍ତି ସ୍ତ୍ରୀ ଲୋକଟି ଛୋଟ ଢ଼ୋଲକିଟିଏ ବଜାଇ ଲୋକଙ୍କୁ ଆକର୍ଷଣ କରେ । ଆମ ଗାଁ ଦାଣ୍ଡରେ ବୁଢ଼ାଟୋକା ସବୁ ଜମା ହୋଇ ପଡ଼ନ୍ତି । ସ୍ତ୍ରୀଲୋକମାନେ କବାଟ ଆଡୁଆଳରେ ଛିଡ଼ା ହୋଇ ଏ ଦୃଶ୍ୟ ଦେଖନ୍ତି । କେଳାଟି କହେ ବାବୁମାନେ ଆପଣମାନେ କେଡ଼େ କେତେ ମହାଜନ କେଡ଼େ କେତେ ସାହୁକାର ଅଛନ୍ତି ଏ କେଳାକୁ ମୁଠାଏ ମୁଠାଏ ଚାଉଳ ଦେଲେ ଅଣାଏ ଅଣାଏ ପଇସା ଦେଲେ ଆପଣଙ୍କ ଭଣ୍ଡାର ସରିଯିବ ନାହିଁ । ଗରିବ ଗୁରୁବାଙ୍କୁ ଯେତେ ଦାନ କରିବ ଲକ୍ଷ୍ମୀମାଆ ତୁମର ଧନ ଭଣ୍ଡାର ସେତିକି ପୂର୍ଣ୍ଣ କରିବେ । ମୁଁ ଆପଣ ମାନଙ୍କଠାରୁ ମୋଫତ୍ ମାଗିବାକୁ ଆସିନାହିଁ । ମୁଁ କିଛି ଗୀତ ନାଚ ଦେଖାଇବି ଆପଣମାନେ ଯାହା ଖୁସିରେ ଦେବେ ତାହା ଗ୍ରହଣ କରିବି । ଜଣେ କେହି ମୁରବୀ ଲୋକ କହିଦିଏ ହଉ ହଉ ନାଚ କର ଚାଉଳ ପଇସା ଦିଆଯିବ । ସାଙ୍ଗେ ସାଙ୍ଗେ କେଳାଟି ନାଲିଆ ରଙ୍ଗର ଗୋଟିଏ ଗାଉନ ଭଳି ପୋଷାକ ପିନ୍ଧିଦିଏ । ସ୍ତ୍ରୀଲୋକଟି କାନ୍ଧରେ ଖଣ୍ଡେ ଧଳା ଚାଦର ପକେଇ ଧୁଡୁକି ବଜାଇ ଚାଲେ । ପୁରୁଷଟି ନାଚି ନାଚି ଗୀତ ଗାଏ-"ବେନୁଆ ମାଆ କର ସୁଦୟା, ଯାଉଛି ବାବାଜୀ ହୋଇ । ତୋ ଟାଣ କଥା ଲାଗୁଛି ବ୍ୟଥା, ପାରୁନି ଆଉ ସହି । ସ୍ତ୍ରୀ - ହାତ ଧରି ମୋର ବାହା ହୋଇଲୁ, କେତେ ମିଠାଳିଆ କଥା କହିଲୁ । ମଥା ପାଇଁ ଦେବୁ ରୂପାର ସିନ୍ଥି, କାନ ପାଇଁ ଦେବୁ ହଳେ ଝୁମୁକୀ । ମାସ ମାସ ହୋଇ ବରଷେ ଗଲା, କେଉଁଠି କଅଣ ଦେଇଛୁ ଭଲା । ଏବେ କହୁ ଅଛୁ ହେବୁ ବାବାଜୀ, ପୁଅଟିକୁ ତୋର ସାଙ୍ଗରେ ନେଲେ ତୋ କଥାରେ ମୁଁ ହୋଇବି ରାଜି । ପୁରୁଷ - ନେବ ନାହିଁ ନେବି ନାହିଁ, କାହାରିକୁ ନେବି ନାହିଁ । ଏକା ଏକା ମୁହିଁ ବୁଲି ବି ଦାଣ୍ଡରେ, ହରିନାମ ଗାଇ ଗାଇ । ସ୍ତ୍ରୀ - ହଁ କଥାରେ କଥାରେ ଭାରି ଚାଲାଖ, ପୁଅକୁ ତୋହର ପୋଷିବି କିଆଁ ଜୀବନ ଯାକ ।" ସମବେତ ଦର୍ଶକମାନଙ୍କ ଭିତରେ ହାସ୍ୟରୋଳ ସୃଷ୍ଟି ହୁଏ । ତା'ପରେ ଆଉ କିଛି ଗୀତ ବୋଲି ଦୁଇଜଣଯାକ ହାତ ଧରା ଧରି ହୋଇ ନାଚନ୍ତି ଗାଁର ପିଲାମାନେ ତାଳିମାରି ଦାଣ୍ଡ ଉଛୁଳାଇ ଦିଅନ୍ତି । ତାପରେ ଦୃଶ୍ୟପଟ ବଦଳିଯାଏ । ଦେଖଣାହାରିଏ ମୁଠେ ମୁଠେ ଚାଉଳ ଗୋଟେ ଗୋଟେ ଦୋପଇସି କିମ୍ବା ଅଣି ଆଣି ପକାଇ ଦିଅନ୍ତି କେଳା ଝୁଲିରେ । ସେମାନେ ଯାହା ପାଇଲେ ସେତକରେ ସନ୍ତୁଷ୍ଟ ହୋଇ ଚାଲିଲେ ଅନ୍ୟ ଗୋଟିଏ ଗାଁଆକୁ ।

ଅନ୍ୟ ଦଳଟି ହେଉଛନ୍ତି ସାପୁଆ କେଳା । ଜଣେ ପୁରୁଷ ଜଣେ ସ୍ତ୍ରୀ । ପୁରୁଷଟି ବାହୁଙ୍ଗିରେ ଓହଳେଇ ଥାଏ ଥାକମରା ଚାରିଟି ପେଡ଼ି । ପେଡି ଭିତରେ ଥାଆନ୍ତି ହଳଦୀ ଗୁରୁଗୁରୁ ଗୋଖର ସାପ । ସାପମାନଙ୍କ ମୁଣ୍ଡରେ ଥାଏ କଠଉ ଚିହ୍ନ । କେଳାଟି ପେଡ଼ି ବନ୍ଦ କରି ପଦ୍ମତୋଳା ଗୀତ ବୋଲେ ତାପରେ ଆସ୍ତେ ଆସ୍ତେ ପେଡ଼ିର ଉପର ଢ଼ାଙ୍କୁଣି ଉଠାଇ ଦିଏ । ହଳଦୀ ଗୁରୁଗୁରୁ ସେଇ ଗୋଖର ସାପ ପେଡ଼ି ଭିତରେ ଥାଇ ଫଣା ଟେକି ଗର୍ଜନ କରେ । କେଳାଟି ସାପ ଫଣା ଆଗରେ ଆଣ୍ଠୁ ହଲାଇ ଗୀତ ବୋଲୁଥାଏ । 'ନନ୍ଦର ଘରଣୀ ପଦ୍ମାବତୀ ରାଣୀ, କାଳନ୍ଦୀ ହ୍ରଦରେ ବାସ, ଏତେ ଉଗ୍ରରୂପ ହେଉଛି କିପାଇଁ, ଫୁତକାର କରୁଛୁ ବିଷ ।' ହଠାତ୍ ସାପଟା ଚୋଟ ମାରିବାକୁ କେଳା ଆଡ଼କୁ ଆଗେଇ ଆସିବା ମାତ୍ରେ କେଳା ତା ବେକକୁ ଧରି ପକାଏ ଏବଂ ପେଡ଼ିରେ ଭର୍ତ୍ତି କରିଦିଏ । ଆଉ ଗୋଟିଏ ପେଡ଼ି ଖୋଲାହୁଏ ସେଥିରୁ ବାହାରେ କଳା ରଙ୍ଗର ତମ୍ପ । ସେ ପଦ୍ମତୋଳା ଗୀତ ଜମା ଶୁଣେନାହିଁ । ସେ ଖାଲି ଲାଞ୍ଜ ଉପରେ ଛିଡ଼ା ହୋଇ ଫଁ ଫଁ ଶବ୍ଦ କରେ । ସେ ତାକୁ ପେଡ଼ିରୁ ପଦାକୁ ବାହାର କଲାମାତ୍ରେ ବାହାରକୁ ପଳେଇ ଯିବାକୁ ଚେଷ୍ଟା କରେ, କେଳା ତା ଲାଞ୍ଜ ଧରି ଟାଣି ଆଣେ ପେଡ଼ିରେ ଭର୍ତ୍ତି କରିଦେଇ ପେଡ଼ି ବନ୍ଦ କରିଦିଏ । ଏଇ ହେଲା ସାପ ଖେଳ । ତା'ପରେ ଆରମ୍ଭ ହୁଏ ତାର ମାଗୁଣି । ସିଲଭର କଂସାଟିଏ ଧରି ସେ ଦୁଆର ଦୁଆର ବୁଲିଆସେ ଯିଏ ଯାହା ପାରିଲା ଚାଉଳ ପଇସା ତା କଂସାରେ ପକାଇ ଦିଅନ୍ତି । ସେତକରେ ସେ ସନ୍ତୁଷ୍ଟ । କାନ୍ଧରେ ବାହୁଙ୍ଗି ଧରି ସେ ଚାଲେ ଅନ୍ୟ ସାହିକୁ । ଦଳ ଦଳ ପିଲା ଗୋଡେଇଥାନ୍ତି ତା' ପଛେ ପଛେ ।

ଆଉ ଦଳେ ଆସନ୍ତି ସେମାନଙ୍କୁ ଗାଁ ଲୋକେ କହନ୍ତି ସବାଖିଆ କେଳା । କଳା ଦେହ ବଳିଷ୍ଠ ଚେହେରା ହାତରେ ଥାଏ ଲୁହାବଳା ଓ ଆଉ ଗୋଟାଏ ଛୁରି । ସେ ଗୀତ ବୋଲି ବୋଲି ଛୁରିଟାକୁ ହଲଉଥାଏ ଲୁହାବଳାରେ ବାଜି ତାହା ଝଣ ଝଣ ଶବ୍ଦ ହେଉଥାଏ । ସେ ଯେଉଁ ଗୀତ ବୋଲୁଥାଏ ତାହା ଅବୋଧ । ବୋଧହୁଏ ସେମାନେ ତେଲୁଗୁ ଭାଷାରେ ଗୀତ ବୋଲୁଥାନ୍ତି । ମୁଣ୍ଡରେ ନାଲିକନାର ପଗଡ଼ି କପାଳରେ ସିନ୍ଦୂରଗାର । କେଳା ମାନଙ୍କର ଚେହେରା ଭୟଙ୍କର । ସେମାନଙ୍କ ସାଙ୍ଗରେ ଥାଆନ୍ତି ଜଣେ ଜଣେ କେଳୁଣୀ । ତାଙ୍କ ମୁଣ୍ଡରେ ଥାଏ ଷ୍ଟେସନାରୀ ଜିନିଷ ପସରା । ପସରାଟି ଓହ୍ଲେଇ ଦାଣ୍ଡ ପିଣ୍ଡାରେ ଥୋଇଦେଇ କହନ୍ତି - ମା' ସିନ୍ଦୂର, ଅଳତା, କାଚ, ଗୋଚିନା, ଫିତା, ପାଣିକାଚ, ସବୁଅଛି ଗାଁର ଝିଅ ବୋହୂମାନେ ଏସବୁ ଜିନିଷ ସେମାନଙ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୩, ଫେବୃଆରୀ ୧୮

ଶିବ ପୂଜାରେ ନବଗ୍ରହ ଶାନ୍ତି ବିଧାନ

ଜ୍ୟୋତିର୍ବିଦ୍ ଅଜୟ କୁମାର ବେହେରା

ପ୍ରତ୍ୟେକ ଧର୍ମ ଭଳି ଆମ ହିନ୍ଦୁଧର୍ମରେ ଭଗବାନଙ୍କୁ ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱରେ ବିଶ୍ଳେଷଣ କରାଯାଇଛି । ଭଗବାନ ଶବ୍ଦ ବିଶ୍ଳେଷଣରେ ସେ ଚାରୋଟି ଅକ୍ଷରର ସମାହାର । ପ୍ରତ୍ୟେକ ଅକ୍ଷର ସହ ଏକ ସ୍ୱତନ୍ତ୍ର ତତ୍ତ୍ୱ ସମ୍ବନ୍ଧ ରହିଛି । ପ୍ରଥମ ଅକ୍ଷର 'ଭ'ରେ ସେ ସମସ୍ତ ଭଲଗୁଣର ଅଧିକାରୀ, ଭକ୍ତରକ୍ଷାକାରୀ, ଭକ୍ତବତ୍ସଳ । ଦ୍ୱିତୀୟ ଅକ୍ଷର 'ଗ'ରେ ସେ ଗଗନ ଭଳି ବିସ୍ତୃତ, ଅନନ୍ତ, ଅସୀମ ଓ ପରିବ୍ୟାପ୍ତ ଏବଂ ସମସ୍ତଗଣଙ୍କୁ ପ୍ରତିନିଧିତ୍ୱ କରନ୍ତି ଅର୍ଥାତ୍ ଯିଏ ଦେବଗଣ, ଦାନବଗଣ, ମାନବଗଣ ଓ ଗ୍ରହଗଣ ଠାରୁ ଆରମ୍ଭ କରି କୀଟପତଙ୍ଗ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରନ୍ତି । ତୃତୀୟ ଅକ୍ଷର 'ବା'ରେ ଯାହାଙ୍କ ଠାରେ ବାଛ ବିଚାର, ପାତର ଅନ୍ତର ତିଳେମାତ୍ର ପ୍ରକାଶିତ ହୁଏ ନାହିଁ । ଚତୁର୍ଥ ଅକ୍ଷର 'ନ'ରେ ସେ ନବଗ୍ରହଙ୍କୁ ପ୍ରତିନିଧିତ୍ୱ କରନ୍ତି ଏବଂ ନବନିଧିଦାତା । ସୃଷ୍ଟିର ଆରମ୍ଭ, ବିକାଶ ଏବଂ ବିଲୟ ଏହି ତିନିକାର୍ଯ୍ୟକୁ ଯିଏ ସମ୍ପାଦନ କରେ ସିଏ ହେଉଛନ୍ତି ଭଗବାନ । ଆମ ହିନ୍ଦୁଧର୍ମ ବିଶ୍ୱାସ କରେ ଏହି ତିନି କାର୍ଯ୍ୟକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବା ଶିବ ସମ୍ପାଦନ କରିଥାନ୍ତି । ବ୍ରହ୍ମା ସୃଷ୍ଟିର ସର୍ଜନା କରନ୍ତି, ବିଷ୍ଣୁ ସୃଷ୍ଟିର ପାଳନ କରୁଥିବା ବେଳେ ଶିବ ସଂହାରକର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରିଥାନ୍ତି । ଅନ୍ୟ ଦୃଷ୍ଟିରୁ ବିଚାର କରିବାକୁ ଗଲେ ସୃଷ୍ଟିକୁ ସନ୍ତୁଳିତ ରଖିବା ପାଇଁ ଯେଉଁ କାର୍ଯ୍ୟ ନିର୍ବାହ କରାଯାଏ, ତାହାକୁ ଶିବ ସଂହାର କର୍ତ୍ତା ଭାବେ ତୁଲାଇ ଥାନ୍ତି । ଶିବ ପ୍ରକୃତିର ଅନ୍ୟ ଏକ ସ୍ୱରୂପ । ଯାହାଙ୍କର ଶରୀରରେ ପ୍ରକୃତିର ସମସ୍ତ ପ୍ରକାର ଉପାଦାନ ଶୋଭିତ । ଜଗତ ପଞ୍ଚଭୂତକୁ ନେଇ ସୃଷ୍ଟି (ମୃତ୍ତିକା, ଜଳ, ଅଗ୍ନି, ବାୟୁ ଓ ଆକାଶ) । ପଞ୍ଚଭୂତର ସବୁ ଉପାଦାନ ଶିବଙ୍କଠାରେ ପ୍ରତୀୟମାନ । କୈଳାସ ପର୍ବତ ମୃତ୍ତିକାର ଉତ୍ସ, ଶିବ ସମସ୍ତ ଜୀବଜଗତର ପ୍ରାଣର ଆଧାର ଅର୍ଥାତ୍ ସେ ବାୟୁର ଉତ୍ସ, ପ୍ରକୃତିରୂପ ଶିବ ଗଗନ ଭଳି ବିସ୍ତୃ ତେଣୁ ସେ ଅନନ୍ତ ଆକାଶର ଉତ୍ସ । ଶିବଙ୍କ ବିନା ଆଧାରରେ ଜଗତ ଶବ ବା ସ୍ଥାଣୁ ପାଲଟେ । ଶିବ ହିଁ ସକଳ ସୃଷ୍ଟିର ଆଧାର ଏବଂ ଶିବ ହିଁ ନବଗ୍ରହଙ୍କର ଏକ ଅଭିନ୍ନ ସ୍ୱରୂପ । ଶିବଙ୍କ ଠାରେ ନବଗ୍ରହଙ୍କର ପ୍ରତିଚ୍ଛବିରୂପ ପ୍ରକାଶିତ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ । ଶିବଙ୍କୁ ନବଗ୍ରହଙ୍କ ଏକ ପରଷମଣି କହିଲେ ଅତ୍ୟୁକ୍ତି ହେବନାହିଁ । ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ । ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ । ସାରା ସଂସାରର ଏକମାତ୍ର ତ୍ୟାଗର ପ୍ରତିରୂପ ହିଁ ଶିବ । ସେ ପୁଣି ସତ୍ୟ ଓ ସୁନ୍ଦର ଏଥିରେ ବୁଝିବାର କାହାର ଦ୍ୱିଧା ନାହିଁ । ଶିବ ବିଶ୍ୱବ୍ରହ୍ମାଣ୍ଡ ତଥା ସଂପୂର୍ଣ୍ଣ ଜଗତର କଲ୍ୟାଣକାରୀ ଓ ମଙ୍ଗଳମୟର ପ୍ରତୀକ । ସମୁଦ୍ର ମନ୍ଥନରୁ ହଳାହଳ ଗରଳ ନିର୍ଗତ ହେବା ଦେଖି ସମସ୍ତ ଦେବମଣ୍ଡଳ, ଗ୍ରହମଣ୍ଡଳ, ଜୀବମଣ୍ଡଳ ଏପରିକି ସଂପୂର୍ଣ୍ଣ ଜଗତ କିଂକର୍ତ୍ତବ୍ୟବିମୂଢ଼ ଭାବେ ସ୍ତମ୍ଭୀଭୂତ ହୋଇଗଲା । ଶେଷରେ ଜଗତର ମଙ୍ଗଳ ନିମନ୍ତେ ମହାନ ତ୍ୟାଗୀ ଶିବ ଏହି ହଳାହଳ ବିଷ ପାନ କରି ସଂପୂର୍ଣ୍ଣ ଜଗତକୁ ଉଦ୍ଧାର କରିଥିଲେ । ଏହି ବିଷପାନରେ ଶିବଙ୍କ କଣ୍ଠ ନୀଳକଣ୍ଠ ହୋଇଗଲା । ତେଣୁ ସେ ନୀଳକଣ୍ଠ ରୂପେ ପରିଚିତ ହେଲେ । ବିଷଜ୍ୱାଳାର ଉପଶମ ହେବା ପାଇଁ ମସ୍ତକର ଜଟା ମଧ୍ୟେ ଗଙ୍ଗା, ଭାଲରେ ଶୀତଳ କିରଣ ପ୍ରଦାନ କରୁଥିବା ଚନ୍ଦ୍ର, ଗଳାରେ ସର୍ପ ଶୋଭିତ ହେଲା । କଟିରେ ବ୍ୟାଘ୍ର ଚର୍ମ, ନୀଳବର୍ଣ୍ଣ କାନ୍ତିଯୁକ୍ତ ଶରୀର, କପାଳରେ ଶ୍ମଶାନ ଭସ୍ମ, ସ୍କନ୍ଧରେ ଯଜ୍ଞପବୀତ, ହସ୍ତରେ ତ୍ରିଶୂଳ ଓ ଡମ୍ବରୁ, ଗଳାରେ ରୁଦ୍ରାକ୍ଷମାଳା, ହସ୍ତରେ କମଣ୍ଡଳୁ ଓ ଆଶାବାଡ଼ି, ପଦଯୁଗଳରେ କଠଉ, କର୍ଣ୍ଣରେ କୁଣ୍ଡଳ, ବୃଷଭବାହନ, ବାମରେ ପ୍ରିୟତମା ପତ୍ନୀ ପାର୍ବତୀ, ପୁତ୍ର ଗଣେଶ ଓ କାର୍ତ୍ତିକ ସହ ପ୍ରକୃତିରୂପକ କୈଳାସ ପର୍ବତରେ ଅବସ୍ଥାନ କରି ସର୍ବଦା ଧ୍ୟାନମଗ୍ନ ରହନ୍ତି । ଶିବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନପ୍ରତିଛବି । ଦେବଦେବ ମହାଦେବ ରୂପେ ସେ ଖ୍ୟାତ । ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ । ଯୋଗରେ ସେ ବିଲୟ, ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ । ଜ୍ୟୋତିଷାଚାର୍ଯ୍ୟମାନଙ୍କ ମତରେ ଶିବ ଦେବ ମଣ୍ଡଳ, ଗ୍ରହମଣ୍ଡଳ ଓ ଜୀବମଣ୍ଡଳର ଅଧୀଶ୍ୱର ଅଟନ୍ତି । ଶିବ ପ୍ରକୃତି ତଥା ଜଗତର ପ୍ରତୀକ ହେତୁ ସେ ଜଗତ ବ୍ୟାପୀ ଏବଂ ଜଗତମୟ । ସେ ନବଗ୍ରହଙ୍କ ଅଧିଷ୍ଠାତ୍ର ଅଟନ୍ତି ।

ପିସି ସରକାର ଲେନ୍, କଟକ,
ଦୂରଭାଷ : ୯୪୩୭୦୩୧୨୫୩

ବୈଦିକ ସଂସ୍କୃତିରେ ଶିବ ତତ୍ତ୍ୱ

ଉମାଶଙ୍କର ପ୍ରସାଦ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମ ରୂପେ ଅଭିହିତ କରାଯାଇଥାଏ । ବାସ୍ତବରେ ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏ ଯାବତ ପ୍ରଚଳିତ ରହିଆସିଛି । ଐତିହାସିକମାନେ ଖ୍ରୀ:ପୂ:୩୦୦୦ରେ ସିନ୍ଧୁ ସଭ୍ୟତାର ବିକାଶ ସମୟରେ ପଶୁପତି ଉପାସନା ପ୍ରଚଳିତ ଥିବା ବିଷୟରେ ମତ ଦେଇଛନ୍ତି । କୂର୍ମ ପୁରାଣ ଓ ବାୟୁ ପୁରାଣ ମତରେ କଳିଯୁଗରେ ନର୍ମଦା ନଦୀ କୂଳରେ କରବଣ ଗ୍ରାମରେ ଶିବ ଏକ ଅଗ୍ନିହୋତ୍ରୀ ବ୍ରାହ୍ମଣ ରୂପରେ ଜନ୍ମ ଗ୍ରହଣ କରିଥିଲେ । ପାତଞ୍ଜଳିଙ୍କ ଯୋଗସୂତ୍ରରେ ଶିବ ଭାଗବତ ମାନଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି । ମେଘାସ୍ଥିନିସ୍‌ଙ୍କ ଐତିହାସିକ ବିବରଣୀରେ ମ୍ନ ଶିବ ଉପାସନା ସମ୍ପର୍କରେ ଉଲ୍ଲେଖ ରହିଛି । କୁଶାଣମାନଙ୍କ ମୁଦ୍ରାରେ ମ୍ନ ଏକ ପାର୍ଶ୍ୱରେ ଶିବ ତ୍ରିଶୁଳ ଧରିଥିବା ଓ ଅନ୍ୟପାର୍ଶ୍ୱରେ ବୃଷଭ ଥିବାର ଦେଖାଯାଏ । ଗୁପ୍ତଯୁଗରେ ଶୈବଧର୍ମର ବିକାଶ ବିଷୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମଥୁରା ଶିଳାଲିପିରୁ ଜଣାଯାଏ । ମହାଭାରତ,ଶିବ ପୁରାଣ,ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଲିଙ୍ଗ ପୁରାଣ ଓ ବିଷ୍ଣୁ ପୁରାଣ ପ୍ରଭୃତିରେ ଶିବଙ୍କ ମହିମା ଓ ଦାର୍ଶନିକ ରହସ୍ୟ ବର୍ଣ୍ଣନା କରାଯାଇଛି ।

ସମସ୍ତ ଦର୍ଶନ ସର୍ବପ୍ରଥମେ ଶିବଙ୍କ ମୁଖରୁ ନିଃସୃତ ହୋଇ ଗିରିଜାଙ୍କ କର୍ଣ୍ଣରେ ପ୍ରବେଶ କରିଥିବାରୁ ତନ୍ତ୍ରକୁ ଆଗମ କୁହାଯାଏ । ତନ୍ତ୍ରମତରେ ଶିବଙ୍କୁ ସକଳ ନିଷ୍କଳ ରୂପେ ଅର୍ଚ୍ଚନା କରାଯାଏ । ସକଳ ଅର୍ଥାତ ସାକାର ରୂପେ ଶିବଙ୍କୁ ପଞ୍ଚବକ୍ତ୍ର ଭାବରେ ଧ୍ୟାନ କରାଯାଏ । ସେହି ପଞ୍ଚବକ୍ତ୍ର ହେଲେ – ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଓ ଇଶାନ । ନିଷ୍କଳ ରୂପରେ ସେ ନିରାକାର,ନିର୍ଗୁଣ ପରଂବ୍ରହ୍ମ ରୂପରେ ଉପାସିତ । ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ପ୍ରମାଣିକ ଭାବରେ ସମନ୍ୱୟବାଦର ମତ ପ୍ରବର୍ତ୍ତନ କରି ପଞ୍ଚାୟତନ ପୂଜାର ବ୍ୟବସ୍ଥା କରି ଶୈବ ଦର୍ଶନର ସାର୍ବଭୌମତ୍ୱ ପୂତିଷ୍ଠା କରିଥିଲେ । ତେଣୁ ତାଙ୍କ ମତରେ—
"ନ ଶୈବୋ ନ ଶାକ୍ତୋ ନ ବା ବୈଷ୍ଣବୋ ବା,
ଚିଦାନନ୍ଦ ରୁପଂ ଶିବୋହଂ ଶିବୋହମ୍"।

ଉପମନ୍ୟୁ ଜଣେ ଶ୍ରେଷ୍ଠ ଶିବଭକ୍ତ ଥିଲେ । ଗୁରୁଙ୍କ ନିର୍ଦ୍ଦେଶରେ ଗାଈ ଚରାଉଥିବା ସମୟରେ ବାଛୁରୀର କ୍ଷୀର ଖାଇବାକୁ ବାରଣ 'ଳରେ ଅର୍କପତ୍ର ଖାଇ ସେ ଚକ୍ଷୁ ହରାଇଥିଲେ । ପୁନର୍ବାର ଶିବଙ୍କୁ ଧ୍ୟାନ କରିବା ପରେ ସେ ନିଜର ଚକ୍ଷୁ ଟ'ରି ପାଇଥିଲେ । ତାଙ୍କ ରଚିତ ଶିବସ୍ତୁତି ଏକ ଅଦ୍ୱିତୀୟ ରଚନା । ଋଷି ମାର୍କଣ୍ଡେୟ ଶିବତତ୍ୱର ସମ୍ପୂର୍ଣ୍ଣ ଜ୍ଞାନ ବଳରେ ଓ ତ୍ର୍ୟମ୍ବକ ମନ୍ତ୍ର ଜପକରି ଚିରଞ୍ଜିବୀ ହୋଇଥିଲେ । ଇଶାନ ସଂହିତାରେ ଯଥାର୍ଥରେ ଶିବରାତ୍ରି ବ୍ରତ ସଂପର୍କରେ କୁହାଯାଇଛି- ଶିବରାତ୍ରି ବ୍ରତଂ ପୁଣ୍ୟଂ ସର୍ବପାପ ପ୍ରଣାଶନମ୍ । ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି,ମୁକ୍ତି ପ୍ରଦାୟକମ୍ । 'ାଲ୍ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବରାତ୍ରି ପାଳନ କରାଯାଏ । ଏହି ବ୍ରତ ପାଳନ ମୂଳରେ ଏକ ଲୋକକଥା ବହୁଳ ପ୍ରଚଳିତ । ଥରେ ବାରାଣସୀରେ ସୁସ୍ୱର ନାମକ ଗୋଟିଏ ଶିକାରୀ ଏକ ହରିଣ ଶୀକାର କରି ଜଙ୍ଗଲ ମ୍ନରେ ଘରକୁ ଟ'ରୁଥିବା ସମୟରେ ରାତ୍ରିର ଆଗମନ ଯୋଗୁ ସେ ଆଉ ଅଗ୍ରସର ନ ହୋଇ ରାତ୍ର ଯାପନ ପାଇଁ ଗୋଟିଏ ବୃକ୍ଷ ଉପରେ ରହି ରାତ୍ର ଯାପନ କରିଥିଲା । କ୍ଷୁଧା ଓ ଆତ୍ମୀୟଙ୍କ ଚିନ୍ତାରୁ ଦୁଃଖ ସହିତ ତାର ଲୋତକରୁ ଅଶ୍ରୁ ନିର୍ଗତ ହୋଇ ତଳେ ପଡୁଥିଲା । ଅଲକ୍ଷରେ ସେ ବୃକ୍ଷର ପତ୍ରକୁ ଛିଣ୍ଡାଇ ପକାଉଥିଲା । ଯେଉଁ ବୃକ୍ଷ ଉପରେ ସେ ଆଶ୍ରୟ ନେଇଥିଲା ସେ ବୃକ୍ଷଟି ଥିଲା ବେଲ ବୃକ୍ଷ । ଅଲକ୍ଷରେ ବେଲପତ୍ର ଛିଣ୍ଡାଇ ତଳକୁ ପକାଉଥିଲା ମାତ୍ର ତଳେ ଶିବଲିଙ୍ଗ ଟିଏ ଥିଲା । ତେଣୁ ସେ ଶିକାରୀ ମୃତ୍ୟୁ ପରେ ଅଲକ୍ଷରେ କରିଥିବା ଶିବ ପୂଜାର ପ୍ରଭାବରେ ଶିବଲୋକ ପ୍ରାପ୍ତ ହୋଇଥିଲା । ବାସ୍ତବିକ ଶିବରାତ୍ରିର ମହିମା ଅବର୍ଣ୍ଣନୀୟ । ଚତୁର୍ଦ୍ଦଶୀର ଚାରି ପ୍ରହରରେ ଭକ୍ତମାନେ ଦୁଗ୍ଧ, ଦଧି,ଘୃତ ଓ ମହୁରେ ଶିବଲିଙ୍ଗକୁ ଅଭିଷେକ କରି ନାନାବିଧ ପୁଷ୍ପ,ଧୂପ, ଓ ନୈବିଦ୍ୟ ସମର୍ପଣ କରନ୍ତି ଏବଂ ରାତ୍ର ଉଜାଗର ରହି ମହାଦୀପ ଦର୍ଶନ କରି କୃତାର୍ଥ ହୁଅନ୍ତି ଓ ନିଜ ଆତ୍ମାରେ ଜ୍ଞାନ ଓ ସତ୍ୟର ଜ୍ୟୋତିକୁ ପ୍ରଜ୍ୱଳିତ କରି ଅଖଣ୍ଡ ଶିବ ଚେତନା ଲାଭ କରିଥାନ୍ତି ।

ସ୍ତମ୍ଭକାର ତଥା ସଂପାଦକ, ମାର୍ଗଦର୍ଶୀ
ମୋ:୬୩୭୦୬୭୫୫୬୨

ମମ ଭୂତ ମହେଶ୍ୱରମ୍

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

୧୩୨୧ ସାଲ ୧୯୧୪ ମସିହା ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ ସେ ସମୟରେ ସେ ନୃତ୍ୟର ଦୈବୀ ବିଭଙ୍ଗ ଯେପରି ଅନିର୍ବଚନୀୟ ତାହା ଏକ ଅମାନବୀୟ ପ୍ରତିଭାର ନିଦର୍ଶନ । ସଙ୍ଗରେ ଥାଆନ୍ତି ପଞ୍ଚସଖା – ଅନନ୍ତ, କିଶୋରୀ, ଗୋସାଇଁ, କୃଷ୍ଣପ୍ରସନ୍ନ, ସୁଶୀଳଚନ୍ଦ୍ର, ଏତଦ୍‌ବ୍ୟତୀତ କୀର୍ତ୍ତନ ପ୍ରେମୀ ଖୋକନ, ତରଣୀ, ନପଂର ଘୋଷ... ଇତ୍ୟାଦି । ସେ ଏକ ଅପୂର୍ବ ଅନିର୍ବଚନୀୟ ଅଭୂତପୂର୍ବ ଦୃଶ୍ୟ – ଯାହା ଅବ୍ୟକ୍ତ, କୀର୍ତ୍ତନର ଭାବାବସ୍ଥା । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କେତେବେଳେ ଦୁଇ ବାହୁ ତୋଳି ନାଚି କୁଦି ସମସ୍ତଙ୍କୁ ପ୍ରେମ ବିହ୍ୱଳ କରି ତୋଳୁ ଥିଲେ ତ କେତେବେଳେ ଉତ୍ତାଳ ଭାବର ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ ତ ପୁଣି କାହାକୁ କାନ୍ଧରେ ବସାଉ ଥିଲେ । କେତେବେଳେ ବା କାହା କାନ୍ଧ ଉପରକୁ ଚଢ଼ି ଯାଉଥିଲେ । କେତେବେଳେ ବା ନିବିଡ଼ ଭାବରେ ବୁକୁରେ ଜାବୁଡ଼ି ଧରି ପ୍ରେମାଲିଙ୍ଗନ ପୂର୍ବକ ଚୁମା ଖାଉଥିଲେ । ସେ ଭାବ ରାଜ୍ୟର ଦୃଶ୍ୟ ମର୍ତ୍ତ୍ୟରେ ସମ୍ଭବ ନୁହେଁ, ସ୍ୱର୍ଗରେ । ଜୀବନରେ ଶ୍ରୀ ଶ୍ରୀ ଠାକୁର ନିଜେ କୌଣସି ଆସନର ଅଭ୍ୟାସ ନକରି ଥିବା ସ୍ଥଳେ କୀର୍ତ୍ତନାବସ୍ଥାରେ ଏତାଦୃଶ୍ୟ ସମସ୍ତଙ୍କ ମାନସ ରାଜ୍ୟରେ ଏକ ଦୁର୍ଭେଦ୍ୟ, ବିସ୍ମୟ ଅମୀମାଂସିତ ରହସ୍ୟ ହୋଇ ରହିଯାଇଛି – ଅଦ୍ୟାବଧି । ଗୀତାରେ ସେହି ମହାନ ବାଣୀ, – 'ଅବ ଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍, ପରଂ ଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍ ।।'

ଯେ ନିଜର ହୃଦୟ କ୍ଷେତରେ ପ୍ରେମର ଫସଲ ଉପୁଜାଏ ସେ ହିଁ ପ୍ରକୃତ ଖ୍ରୀଷ୍ଟିୟାନ୍, ଶିଖ, ହିନ୍ଦୁ ବା ମୁସଲମାନ । ବସ୍ତୁତଃ ଯିଏ ହୃଦୟରେ ପ୍ରେମଭାବ ପୋଷଣା କରେ ସେ ହିଁ ପ୍ରକୃତ ମାନବ । ପ୍ରେମ ମଣିଷର ପ୍ରାଣବାୟୁ ଅଟେ । ପ୍ରେମ ହିଁ ସକଳ ଜୀବ ମଧ୍ୟରେ ଦିବ୍ୟ ଚେତନା । ପ୍ରେମ ହିଁ ଜୀବନର ଲକ୍ଷ୍ୟ । ମାନବ ଜୀବନ ପ୍ରେମ ଦ୍ୱାରା ରସମୟ ହୋଇଥାଏ । ଏହି ନିତ୍ୟ ଶୁଦ୍ଧ ପ୍ରେମତତ୍ତ୍ୱକୁ ବୁଝି ନପାରି ମଣିଷ ନାନାବିଧ ଦୈହିକ ତଥା ସାଂସାରିକ ଅଶାନ୍ତି ଓ ଉଦ୍‌ବେଗରେ ହନ୍ତସନ୍ତ ହେଉଛି । ଆଜିକାଲି ଲୋକମାନଙ୍କ ମଧ୍ୟରେ ପ୍ରେମଭାବ କମିଯିବାର ଦେଖାଯାଉଛି । ପ୍ରେମଶୂନ୍ୟ ମାନବ ଦାନବ ସହ ସମାନ । ଦାନବ ପ୍ରବୃତ୍ତିଯୁକ୍ତ ମଣିଷ ଆଜି ପଶୁ ଭଳି ବ୍ୟବହାର କରୁଛି । ଭଗବାନ ଜୀବମାନଙ୍କୁ ଭୂତ, ପ୍ରେତ ବା ପିଶାଚ କରି ସୃଷ୍ଟି କରି ନଥାନ୍ତି । ଏଗୁଡ଼ିକ ମଣିଷର ସୃଷ୍ଟି । ପ୍ରତ୍ୟେକଙ୍କୁ ନାମ ଓ ପ୍ରେମ ପ୍ରଚାର ପାଇଁ ଗଠନ କର । ପ୍ରେମ ହିଁ ସ୍ୱର୍ଗ ଓ ସ୍ୱର୍ଗ ହିଁ ପ୍ରେମ – ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପବିତ୍ର ପୁଣ୍ୟପୋଥିରେ ଅମୃତ ପାବନ ଉଦ୍‌ଘୋଷଣ ଦେଇ ସତ୍‌ସଙ୍ଗୀମାନଙ୍କୁ ଆଶୀର୍ବଚନ କରି କହିଛନ୍ତି – 'ନିଃସ୍ୱାର୍ଥପର ଭାବରେ ଭଲ ପାଇ ଦେଖ । ଭଲପାଇ ଦେଖ । ଭଲ ପାଇବା ପାଇଁ ମନ ଭିତରେ କୌଣସି ପ୍ରକାର ଗୋଳମାଳ ରଖ ନାହିଁ । ଦେଖ, ମନ ହିଁ ସବୁ କରେ ।' 'ପ୍ରାଣ ଧରିବାକୁ ଗଲେ ପ୍ରେମ ହିଁ ଔଷଧ । ଜଗତରେ ଯେତେ ବେଶୀ ଲୋକଙ୍କୁ ଭଲପାଇ ପାରିବୁ ଜଡ଼ ଚେତନକୁ ଯେତେ ଭଲପାଇ ପାରିବୁ, – ଈଶ୍ୱରଙ୍କୁ ସେତେ ଭଲ ପାଇପାରିବୁ । ଯଦି ମୋତେ ପାଇବାକୁ ଚାହଁ, ଭଲପାଅ । ସମସ୍ତ ଜୀବକୁ ଭଲପାଅ । ଭଲପାଅ, ପ୍ରାଣକୁ ଭଲପାଅ, ଜଗତକୁ ଭଲପାଅ, ତା'ହେଲେ ମୋତେ ପାଇବ ।'

ନିଜ ହୃଦୟରେ ପ୍ରେମଭାବ ପରିପୁଷ୍ଟ କରୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ୍, ହିନ୍ଦୁ ବା ମୁସ୍‌ଲମାନ ହୋଇପାରେ । ଦୁର୍ଭାଗ୍ୟବଶତଃ ଆଜି କେହି ହେଲେ ସେମାନଙ୍କର ହୃଦୟ କ୍ଷେତରେ ପ୍ରେମର ବୀଜ ବପନ କରୁ ନାହାନ୍ତି । ତେବେ ତୁମେ ପ୍ରେମର ଶସ୍ୟ ଅମଳ କରିବ ବୋଲି କିପରି ଭାବୁଛ ? ଯାହା ମଧ୍ୟରେ ପ୍ରେମଭାବ ନାହିଁ ସେ ମଣିଷ ହେବ କିପରି ? ଶ୍ରୀ ଶ୍ରୀ ଠାକୁର ଆହୁରି ମଧ୍ୟ କହିଛନ୍ତି – 'ଭଗବାନଙ୍କୁ ଭଲପାଏ କି ନା ଠିକ୍ କରିବାକୁ ହେଲେ ଆଗେ ଦେଖିବାକୁ ହୁଏ ମୁଁ ଜଗତକୁ ଭଲ ପାଏ କି ନାହିଁ । ଦେଖ, ଯଦି ଜଗତର ପ୍ରତ୍ୟେକ ଜୀବକୁ ଭଲପାଉ, ପ୍ରତ୍ୟେକ ବସ୍ତୁକୁ ଭଲପାଉ ସେତେବେଳେ ବୁଝିବୁ ମୁଁ ଭଗବାନଙ୍କୁ ଭଲପାଏ, ଏହିପରି ଭାବିବା ହିଁ ଭଲ ।' ଭଲପାଇବାଟା ହିଁ ସ୍ୱର୍ଗ । ଭଲପାଇବା ହିଁ ନରକରେ ସ୍ୱର୍ଗ ସ୍ଥାପନ କରିଥାଏ । ଦେଖ, ଅନ୍ତରରେ ଭଲପାଇବା ନଥିଲେ ମଧ୍ୟ ବାହାରେ ଭଲ ପାଇବାକୁ ହୁଏ । ଦେଖ, ଜଣେ କୁଷ୍ଠ ରୋଗୀ ଯଦି ରାସ୍ତାରେ ବସି 'ଗୋଟାଏ ପଇସା ଦିଅ, ଗୋଟାଏ ପଇସା ଦିଅ' କହେ, ତୁ ସେତେବେଳେ ମନକୁ ପଚାରିବୁ 'ମନ ! ତୁ ଏହାକୁ ଭଲପାଇ ପାରିବୁ ?' ମନ ଯଦି ଅସ୍ୱୀକାର କରିବ, ତେବେ ମନ ବିପକ୍ଷରେ ଛିଡ଼ା ହେବୁ.... 'ଦେଖ, ପାରିବୁ ନାହିଁ ବୋଲି କହୁଛୁ କାହିଁକି ?' ଏଇ ପରପାଇଁ ଯେତେବେଳେ ତୁ ତୋର ଗଳାଟା କାଟି ଦେଇ ପାରିବୁ, ସେତେବେଳେ ଜାଣିବୁ ତୁହିଁ ଭଗବାନଙ୍କୁ ଭଲ ପାଉଛୁ । ପ୍ରକୃତ ହିନ୍ଦୁ, ମୁସଲ୍‌ମାନ ବା ଖ୍ରୀଷ୍ଟିୟାନ ପ୍ରେମସ୍ୱରୂପ ହେବା ଆବଶ୍ୟକ । ମୁସଲମାନମାନେ ପ୍ରାର୍ଥନା କରିଥାନ୍ତି,

ବାୟୋଫ୍ଲକ ଖାଦ୍ୟ ଜରିଆରେ ସାମୁଦ୍ରିକ ଚିଙ୍ଗୁଡ଼ିର ପୋଷଣ ସନ୍ତୁଳନ

ପ୍ରାଣୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନାଇଟ୍ରୋଜେନ ମୁଖ୍ୟତଃ ଅମିନୋ ଏସିଡ୍ ଦ୍ୱାରା ଗଠିତ ହୋଇଥାଏ ଯାହାକି ପ୍ରୋଟିନ୍ ଓ ବାୟୋମାସରସନ୍ତୁଳନରେ ସାହାଯ୍ୟ କରେ । ବୈଜ୍ଞାନିକ କାରଣ ଦର୍ଶାଇଛନ୍ତି ଯେ ବାୟୋଫ୍ଲକ ମୁଖ୍ୟତଃ ପ୍ରୋଟିନ୍, କାର୍ବୋହାଇଡ୍ରାଟେ ଏବଂ ଜୀବାଶ୍ମରେ ଗଠିତ ହୋଇଥାଏ ଯାହାକି ଜଳଗୀବ ମାନଙ୍କର ଏକ ପ୍ରମୁଖ ଖାଦ୍ୟ । ।

ୟୋଫ୍ଲୋକରେ ମୁଖ୍ୟତଃ ଫ୍ୟାଟି ଏସିଡ୍ ଥାଏ ଯାହାକି ଚିଙ୍ଗୁଡ଼ି ମାନଙ୍କର ପୋଷକତ୍ତ୍ୱ ଗ୍ରହଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିଙ୍ଗୁଡ଼ିମାନଙ୍କର ଅନ୍ତର୍ଦେଶୀୟ ବିଭାଜନରେ ବାୟୋଫ୍ଲୋକ ପ୍ରଯୁକ୍ତି ବିଦ୍ୟା ମୁଖ୍ୟତଃ ନାଇଟ୍ରୋଜେନ ଓ ଫସଫରସ୍ ଯଥାକ୍ରମେ ୭୦ ଓ ୬୬ ଶତକଡ଼ା ବଢ଼ାଇ ଥାଏ । ଏ ଡି ସିର ପରିମାଣ କମିବା ସହିତ ପୋଷକତ୍ତ୍ୱ ମାନଙ୍କର ଆବଶ୍ୟକତା ମଧ୍ୟ କମିଥାଏ । ଏହା ପ୍ରଥମେ ବୈଜ୍ଞାନିକ ମାନଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ଏଥିସହିତ ବାୟୋଫ୍ଲୋକ କାର୍ବନ ଓ ନାଇଟ୍ରୋଜେନର ସନ୍ତୁଳିତ ଆଧାରକୁ ପ୍ରାଧାନ୍ୟ ଦେଇଥାଏ । ବାୟୋଫ୍ଲୋକ ମୁଖ୍ୟତଃ ବିଭିନ୍ନ ଅମିନୋଆସିଡ୍ ଯେପରିକି ମ୍ୟୁରାମିକ ଏସିଡ୍ ଫାଇଟୋଷ୍ଟେରୋଲ ଆଦି ଧାରଣ କରିଥାଏ । ଏହି ସକ୍ରିୟ ଉପାଦାନ ଗୁଡ଼ିକ ଜଳଜୀବ ମାନଙ୍କର ବୃଦ୍ଧି ଘଟାଇଥାଏ । ଏଥି ସହିତ ଏହା ମଧ୍ୟ ସାମୁଦ୍ରିକ ଚିଙ୍ଗୁଡ଼ି ମାନଙ୍କର ଉତ୍ତମ ଗୁଣବତା ରକ୍ଷା କରେ । ଏହି ଉପାଦାନ ଗୁଡ଼ିକ ଉତ୍ତମ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଏଇମ୍ ଗୁଡ଼ିକୁ ସକ୍ରିୟ କରିବା ସହିତ କୋଷଗୁଡ଼ିକୁ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ । ଏବର ସମୟରେ ସାମୁଦ୍ରିକ ଚିଙ୍ଗୁଡ଼ି ମାନଙ୍କର ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯାହା କେବଳ ବୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିଛି ଏବଂ ସେ ଏହା ଦର୍ଶାଇଥିଲେ ଯେ ବାୟୋଫ୍ଲୋକ ୭୫ ରୁ ୮୦ ଶତକଡ଼ା ପ୍ରୋଟିନ୍ ଏବଂ ପୋଷାକତ୍ତ୍ୱ ଧାରଣ କରିଥାଏ । ଜଳଜୀବମାନଙ୍କ ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ମୁଖ୍ୟତଃ ଅମିନୋଆସିଡ୍‌ର ପରିମାଣ ଉପରେ ନିର୍ଭର କରିଥାଏ । ଏହି ବାୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦେଖାଏ ଯେ ଜଳଜୀବ ବିଜ୍ଞାନ ଉତ୍ପାଦନ ବୃଦ୍ଧିହେବା ସହିତ ପରିବେଶ ଉପରେ ପଡୁଥିବା ଅନାବଶ୍ୟକ ବ୍ୟବସ୍ଥାର ହ୍ରାସ ଘଟେ । ବୟୋଫ୍ଲୋକରେ ଥିବା ପୋଷକତ୍ତ୍ୱ ମୁଖ୍ୟତଃ ଚିଙ୍ଗୁଡ଼ିମାନଙ୍କର ପ୍ରଧାନ ଖାଦ୍ୟ ଭାବେ ବ୍ୟବହୃତ ହୁଏ । ଏକ ପୋଷକତ୍ତ୍ୱ ସର୍ଭେରୁ ଜଣାପଡ଼ିଛି ଯେ ବାୟୋଫ୍ଲୋକରେ ୧୨୦ ଗ୍ରାମ/କେଜି ପ୍ରୋଟିନ୍ ଏବଂ ଫ୍ୟାଟିଆସିଡ୍ ୨୦ ଗ୍ରାମ/କେଜି ଥାଏ । ବୟୋଫ୍ଲୋକ ମୁଖ୍ୟତଃ ୨୯.୧% ନାଇଟ୍ରୋଜେନ ୩୯.୨% ଜୀବାଶ୍ମ ଏବଂ ୮.୩% ଫାଇବର, ୪.୭% ଫାଟିଆସିଡ୍ ଧାରଣ କରିଥାଏ । ଜୀବାଶ୍ମର ପରିମାଣ ଯେତେ ବୃଦ୍ଧି ପାଇଥାଏ ସାମୁଦ୍ରିକ ଚିଙ୍ଗୁଡ଼ିମାନଙ୍କର ବୃଦ୍ଧି ସେତେ ହୋଇଥାଏ । ୨୦ଟି ଆମିନୋଆସିଡ୍ ମଧ୍ୟରୁ ବାୟୋଫ୍ଲୋକ ମୁଖ୍ୟତଃ ୪ଟି ଫ୍ୟାଟିଆସିଡ୍‌କୁ ଗ୍ରହଣ କରିଥାଏ । ସେଗୁଡ଼ିକ ହେଉଛି ପଲମିଟିକ୍ ଏସିଡ୍, ଲିନୋଲେଇକ ଏସିଡ୍, ଓରେଇକ ଏସିଡ୍ ।

ବିଜ୍ଞାନ ମିହିର ରାଉତ

ସାଧାରଣତଃ ସାମୁଦ୍ରିକ ଚିଙ୍ଗୁଡ଼ିର ବୃଦ୍ଧି ନିମନ୍ତେ ଅଧିକାଂଶ ଗବେଷଣା ଘରୋଇ ପଦ୍ଧତି ଜନ୍ମିତ ଅଂଶୁଜୀବାଣୁ ବ୍ୟବହାର କରି ହୋଇଥାଏ । ଯାହାହେଉ ଏଇ ଘରୋଇ ପର୍ଯ୍ୟବେଶିତ ପ୍ରଣାଳୀ ଅଣୁଜୀବାଣୁ ଏବଂ ଶୈବାଳ ମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅତିରିକ୍ତ ଅମ୍ଳଜାନ ଦରକାର ହୋଇଥାଏ । ଏତଦବ୍ୟତୀତ ସାମୁଦ୍ରିକ ଚିଙ୍ଗୁଡ଼ି ମଧ୍ୟ ଅଣୁଜୀବାଣୁ ଶୈବାଳ ମାନଙ୍କ ସହ ଆବଶ୍ୟକୀୟ ଅମ୍ଳଜାନ ଦରକାର । ଏଇ ପଦ୍ଧତି ସାଧାରଣତ ଉପାୟରେ ହେଉଥିବା ସାମୁଦ୍ରିକ ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ଅପେକ୍ଷା ଅଧିକ ଅମ୍ଳଜାନ ଆବଶ୍ୟକ କରିଥାଏ। ଯାହା ଫଳରେ ଏହା ଅମ୍ଳଜାନ ଦ୍ରବିଭୂତ ପ୍ରଣାଳୀର ଖର୍ଚ୍ଚକୁ ଦୂରୀଭୂତ କରିଥାଏ । ଏହାପରେ ମଧ୍ୟ ବୟୋଫ୍ଲୋକ ପ୍ରଣାଳୀରେ ଉପଯୁକ୍ତ ଖାଦ୍ୟ ଉପଯୋଗ ଚାଷ ହେଉଥିବା ଜଳଗୀବମାନଙ୍କର ଚାରି ଖାଇବା ନୀତି ଉପରେ ନିର୍ଭରଶୀଳ ଥାଏ । ବର୍ତ୍ତମାନ ଯୁଗରେ ବୈଜ୍ଞାନିକ ମାନେ ବାୟୋଫ୍ଲୋକ କୌଶଳକୁ ଜଳଜୀବ ମାନଙ୍କର ପୋଷଣ ତତ୍ତ୍ୱରେ ଖାଦ୍ୟ ଶୃଙ୍ଖଳ ଭାବରେ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ସାମୁଦ୍ରିକ ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଖାଦ୍ୟରେ ଫିସ୍ ମିଲ ଏକ ମୁଖ୍ୟ ଉପାଦେୟର ଭୂମିକା ନେଉଛି । ଯେଉଁଥିପାଇଁ ବ୍ୟବହୃତ ମାଛ ଖାଦ୍ୟର ବଜାର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଣୁ ଉପଯୁକ୍ତ ପ୍ରୋଟିନ୍ ପରିମାଣକୁ ବଢ଼ାଇ ରଖି ଏକ ବିକଳ୍ପ ପ୍ରୋଟିନ୍‌ର ଉତ୍ସ ଖୋଜି ପାଇବ । ଜଳଜୀବ ପାଳନ ଶିଳ୍ପ ଆଜି ଏକ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ । ଗବେଷଣାରୁ ଜଣା ପଡ଼ିଛି ସୋୟାବିନ୍ ଜାତୀୟ ପଦାର୍ଥ ଫିସ୍ ମିଲକୁ ପୁନଃ ସ୍ଥାପନ କରେ ଯାହାକି ପ୍ରୋଟିନ୍ ଓ ଖଣିଜ ଲବଣରେ ଭରପୁର ଅଟେ ଏବଂ ଚିଙ୍ଗୁଡ଼ି ମାନଙ୍କର ଏକ ପ୍ରମୁଖ ଖାଦ୍ୟ ଅଟେ ।

ମତ୍ସ୍ୟବିଜ୍ଞାନ,
ଏମ.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

ହାଇଡ୍ରୋପନିକ୍ସ : ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ

ଆଜିକାଲିର ଯୁବଗୋଷ୍ଠୀ ଚାଷ କାର୍ଯ୍ୟ ପାଇଁ ବିମୁଖ। କିନ୍ତୁ ଯଦି କମ ସମୟରେ ଅଧିକ ଅମଳ କରିହେବାର କିଛି ଉପାୟ ଆସେ , ତେବେ ସେଥିପାଇଁ ସମସ୍ତେ ବ୍ୟଗ୍ର ହୋଇଉଠନ୍ତି। ଠିକ୍ ସେମିତି କୃଷି କ୍ଷେତ୍ରରେ ଏକ ଅଭିନବ ଉପାୟ ହାଇନ୍ରୋଫନିକ୍ସ। ବିନା ମାଟିରେ ଫସଲ ଉତ୍ପାଦନ କରିବାର ଏକ ନିଆରା ଉପାୟ। ପୋଷକତତ୍ତ୍ୱକୁ ସିଧାସଳଖ ଗଛରେ ପ୍ରୟୋଗ କରାଯାଏ। ଯାହା ଫଳରେ ଚେର ଆବଶ୍ୟକୀୟ ପୋଷକତତ୍ତ୍ୱକୁ ଗ୍ରହଣ କରିପାରେ। ଅଧିକାଂଶ ସ୍ଥାନରେ ଏହାକୁ ଯୁବବର୍ଗ ବିଅାପଣେଇଲେଣି । ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଛି ଏହି ହାଇଡ୍ରୋଫନିକ୍ସ ଫାର୍ମ। ପାଳଙ୍ଗ , ଟମାଟୋ, ବନ୍ଧାକୋବି ପରି ପରିବା ଉତ୍ପାଦନ କରି ଏହା ଏବେ ବେଶ ଚର୍ଚ୍ଚାରେ।

ଚିନାବାଦାମ ଫସଲରେ ଗଳାପଚା ରୋଗ ବ୍ୟାପୁଥିଲେ ସମାଧାନ :

ବିହନ ଜମିରେ ବୁଣିବା ପୂର୍ବରୁ ବିହନକୁ କବକ ନାଶକ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାରବେଣ୍ଡଜୀମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।

* ଜମିରେ ୧.୫ ଗ୍ରାମ କାରବେଣ୍ଡାଜୀମ କିମ୍ବା ୩.୫ ଗ୍ରାମ ମାନକୋଜଏ ପ୍ରତି ଲିଟର ପାଣିରେ ମିଶାଇ 'ସଲର ମୂଳ ଅଂଶରେ ଓ ମୂଳ ପାଖରେ ଥିବା ମାଟିରେ ସିଞ୍ଚନ କରନ୍ତୁ ।
* ଗଛ ଚାରା ଅବସ୍ଥାରେ ଥିବା ସମୟରେ ଜଳସେଚନ ନିୟନ୍ତ୍ରଣ କରନ୍ତୁ ।

ଧାନରେ ମହିସା ରୋଗ ବ୍ୟାପୁଥିଲେ ସମାଧାନ

ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
-ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।

ପଂଚଗବ୍ୟର ପ୍ରସ୍ତୁତି :

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ । ଜର୍ସି ଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁନ୍ଦଳ ମିଳିଥାଏ ।

ଡାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାର ପ୍ରତିକାର

ଅଭିନନ୍ଦିତା ସାହୁ

ଓଡ଼ିଶାର ଚାଷ କରାଯାଉଥିବା ମୁଖ୍ୟ ଡାଲି ଜାତୀୟ ଫସଲ ମାନଙ୍କ ମଧ୍ୟରେ ହରଡ଼, ମୁଗ, ବିରି, ବୁଟ, ମଟର, କୋଳଥ, ମସୁର ଅନ୍ୟତମ ।

ଡାଲି ଜାତୀୟ ଫସଲରେ ହେଉଥିବା ମୁଖ୍ୟ ରୋଗ ମାନଙ୍କ ମଧ୍ୟରେ ଝାଉଁଳା ରୋଗ, ପାଉଁଶିଆ ରୋଗ, କଳଙ୍କି ରୋଗ, ସାହେବୀ ରୋଗ ଆଦି ଅନ୍ୟତମ ।

ଝାଉଁଳା ରୋଗ :

ଏହା ଏକ କବକ ଜନିତ ରୋଗ । ଏହା ହରଡ଼ ଓ ବୁଟ ଫସଲର ମୁଖ୍ୟ ରୋଗ ଅଟେ । ଏହି ରୋଗର ପ୍ରଥମ ଅବସ୍ଥାରେ ଗଛରୁ ପତ୍ର ଗୁଡ଼ିକ ହଳଦିଆ ପଡ଼ିବା ଆରମ୍ଭ କରେ ଏବଂ ଶେଷରେ ସମ୍ପୂର୍ଣ୍ଣ ଝାଉଁଳି ପଡ଼ି ମରିଯାଏ । ଆକ୍ରାନ୍ତ ଗଛର କାଣ୍ଡକୁ କାଟି ଦେଖିଲେ କାଣ୍ଡର ଭିତର ଅଂଶରେ କଳା ଗାର ଗାର ଦାଗ ଦେଖାଯାଏ ।

ପ୍ରତିକାର :

- ହରଡ଼ ଫସଲର ଝାଉଁଳା ରୋଗରୁ ରକ୍ଷା ପାଇବା ପାଇଁ ସୋରଗମ୍ ସହ ମିଶ୍ରିତ ଚାଷ କରନ୍ତୁ ।
- ଖରାଟିଆ ଗଭୀର ଚାଷ କରନ୍ତୁ ।
- ରୋଗ ପୋକ ନିରୋଧକ ଓ ସହନଶୀଳ ବିହନ କର୍ବାଚନ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ କୀଟନାଶକ କାର୍ବେଣ୍ଡାଜିମ୍ କିମ୍ବା ଥିରାମ ୩ ଗ୍ରାମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ । କିମ୍ବା ଜୈବ ବିଶୋଧକ ଟ୍ରାଇକୋଡ଼ର୍ମା ୪ ଗ୍ରାମ ପ୍ରତି କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।
- ଜମିରେ ରୋଗ ଦମନ ନିମନ୍ତେ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।

ପାଉଁଶିଆ ରୋଗ :

ଏହା ଏକ କବକ ଜନିତ ରୋଗ । ଏହା ମୁଗ ଓ ବିରି ଫସଲର ଏକ ମୁଖ୍ୟ ରୋଗ । ଏହି ରୋଗର ପତ୍ର ଉପରେ ଧଳା ପାଉଁଶ ରଙ୍ଗର କବକ ମାଡ଼ିଯାଏ । ଫଳରେ ପତ୍ର ଶୁଖିଯାଏ ।

ପ୍ରତିକାର :

- ସହନଶୀଳ ବିହନ ବ୍ୟବହାର କରନ୍ତୁ ।
- ଏକ ଏକର ପ୍ରତି ୧ କିଗ୍ରା ସଲଫର କିମ୍ବା ୩୦୦ ଗ୍ରମେ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସହପ୍ରାଧ୍ୟାପିକା, ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ-୭୮୯୪୯୧୧୮୩୦

ମୋ ଓଡ଼ିଶା

ମରାଠା ବୀର ସମ୍ଭାଜୀ

ସମ୍ଭାଜୀ ବା ଧର୍ମବୀର ଛତ୍ରପତି ସମ୍ଭାଜୀ ରାଜେ ଭୋନସଲେ ଥିଲେ ଅଦ୍ୱିତୀୟ ମରାଠା ବୀର। ଭାରତ ଇତିହାସରେ ତାଙ୍କର ଶୌର୍ଯ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସମ୍ଭାଜୀ ମେ ୧୪ ତାରିଖ ୧୬୫୭ରେ ପୁଣେର ପୁନ୍ଦର ଦୁର୍ଗରେ ଜନ୍ମଗ୍ରହଣ କରିଥିଲେ। ସେଥିରେ ମରାଠା ବୀର ଛତ୍ରପତି ଶିବାଜୀ ଓ ସାଇ ବୀରଙ୍କ ପୁତ୍ର। ସେ ସମୟରେ ମୋଗଲଙ୍କ ପ୍ରଧାନ ଶତ୍ରୁ ଥିଲେ ମୋଗଲ ବାଦଶାହା ଆଉରଙ୍ଗଜେବ୍। ସାରା ଭାରତରେ ରାଜ୍ୟକୁ କବଳକୁ ଆଣିବା ଲାଗି ଆଉରଙ୍ଗଜେବ୍ ମରାଠା ରାଜ୍ୟ ଉପରେ ଆକ୍ରମଣ କରିଥିଲେ। ମାତ୍ର ତାଙ୍କ ଆକ୍ରମଣକୁ ସଫଳ ହେବାକୁ ଦେଇନଥିଲେ ସମ୍ଭାଜୀ। ଯୁଦ୍ଧଭୂମିରେ ଅସାଧାରଣ ବୀରତ୍ୱର ପ୍ରଦର୍ଶନ କରି ସମ୍ଭାଜୀ ମୋଗଲ ସେନାର ନିଦ ହଜାଇ ଦେଇଥିଲେ। ତାଙ୍କ ଆକ୍ରମଣରେ ଅତିଷ୍ଠ ହୋଇପଡ଼ିଥିଲେ ଆଉରଙ୍ଗଜେବ୍। ଶେଷରେ ବିଶ୍ୱାସଘାତକତା କରି ସମ୍ଭାଜୀଙ୍କୁ କାବୁ କରି ନେଇଥିଲା ମୋଗଲ ସେନା। ତାଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ କୁହାଯାଇଥିଲା। ମାତ୍ର ସେ ମୃତ୍ୟୁକୁ ବରଣ କରିବେ ପଛେ ଧର୍ମଦ୍ରୋହୀ ହେବେ ନାହିଁ ବୋଲି କହି ଦେଇଥିଲେ। ସେଥିପାଇଁ ତାଙ୍କୁ ଧର୍ମବୀର କୁହାଯାଇଥାଏ। ଶେଷରେ ତାଙ୍କୁ ଅକଥନୀୟ ଯନ୍ତ୍ରଣା ଦିଆଯାଇ ମୋଗଲ କାରାଗାରରେ ହତ୍ୟା କରାଯାଇଥିଲା। ନିଜ ଜୀବନକାଳରେ ସମ୍ଭାଜୀ ୧୨୦ଟି ଯୁଦ୍ଧ ଲଢ଼ିଥିଲେ। ସବୁ ଯୁଦ୍ଧରେ ତାଙ୍କରି ହିଁ ବିଜୟ ହୋଇଥିଲା। ଏଭଳି ପରାକ୍ରମ ଦେଖାଇଥିବା ବୀର ଇତିହାସରେ ମିଳିବା ବିରଳ।

ଡଃ. ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ମାଲବାହୀ ଯାନ ପାର୍କିଂ ଉପରେ କଟକଣା

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୬ ନମ୍ବର ଜାତୀୟ ରାଜପଥର ବିର୍ଲା ଟାୟାର ଫାଟକ ଠାରୁ ନହରପାଟଣା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏବଂ ଏଥି ସଂଲଗ୍ନ ସର୍ଭିସ୍ ରାସ୍ତାରେ ସମସ୍ତ ପ୍ରକାର ମାଲବାହୀ ଯାନର ପାର୍କିଂ ଉପରେ କଟକଣା ଜାରି କରାଯାଇଛି। ଏହି ରାସ୍ତାର ବାମପଦା, ରେମୁଣା, ଶାଳବଣୀ,ନୂଆଗାଁ ଏବଂ ନହରପାଟଣା ଅଂଚଳକୁ ବ୍ଲାକସ୍ପଟ୍ ଭାବେ ଘୋଷଣା କରାଯାଇଥିବା ବେଳେ ସମ୍ପୃକ୍ତ ଅଂଚଳରେ ଯାନବାହାନର ଅବାଧ ଚଳାଚଳ ଏବଂ ଦୁର୍ଘଟଣାକୁ ଏଡାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ମାଲବାହୀ ଟ୍ରକ୍ ସମେତ ଅନ୍ୟାନ୍ୟ ମାଲବାହୀ ଯାନଗୁଡିକ ଗମ୍ଭାରିଆଠାରେ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲରେ ହିଁ ସେମାନଙ୍କ ଗାଡିଗୁଡିକୁ ପାର୍କିଂ କରିବାକୁ କୁହାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଏହି କଟକଣାର ଅନୁପାଳନପୂର୍ବକ ମାଲବାହୀ ଗାଡିଗୁଡିକ ଉପରୋକ୍ତ ରାସ୍ତାରେ ବେଆଇନ ପାର୍କିଂ ନ କରିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ପାଇଁ ସ୍ଥାନୀୟ ଅଂଚଳରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ମଧ୍ୟ କରାଯାଉଛି। ଜାରି କରାଯାଇଥିବା କଟକଣାର ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସିପିଆଇର ଟାଟା ପାୱାର ଅଫିସ୍ ଘେରାଉ

ଭୁବନେଶ୍ୱର (ପିଏନ୍): ସମଗ୍ର ରାଜ୍ୟରେ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, କମ୍ପାନୀରାଜ ବନ୍ଦ କରି ରାଜ୍ୟ ସରକାର ବିଦ୍ୟୁତ୍‌କୁ ନିଜ ହାତକୁ ନେବା, ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ପୁନର୍ବାହାଲ କରିବା ଏବଂ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ପ୍ରତ୍ୟେକ ପରିବାରକୁ ମାଗଣା ବିଜୁଳି ଯୋଗାଇଦେବା ଦାବିରେ ସିପିଆଇ ପକ୍ଷରୁ ରାଜ୍ୟ ବ୍ୟାପୀ ବିଦ୍ୟୁତ୍ ଅଫିସ୍ ଘେରାଉ ପରିପ୍ରେକ୍ଷୀରେ, ରାଜଧାନୀ ଭୁବନେଶ୍ୱରଠାରେ 'ଟାଟା ପାୱାର'ର ସିଇଓଙ୍କ ଅଫିସ୍ ଘେରାଉ କରାଯାଇଥିଲା। ସିପିଆଇର ଶହ ଶହ କର୍ମୀ ହାତରେ ଦଳୀୟ ପତାକା, ଫେଷ୍ଟୁନ୍ ଓ ବିଭିନ୍ନ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡମାନ ଧରି ରାଜଭବନ ଛକ ନିକଟରେ ରୁଣ୍ଡ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରା ବାହାରି ପାୱାର ହାଉସ୍ ଛକରେ ଥିବା ଟାଟା ପାୱାର ସିଇଓ ଅଫିସ୍ ନିକଟରେ ପହଞ୍ଚି ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରେ ସିପିଆଇ ଜୋନ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ ଟାଟା କମ୍ପାନୀ ଆସିବା ପରେ ବିଦ୍ୟୁତ୍ କ୍ଷେତ୍ରରେ ଘୋର ଅରାଜକ ପରିସ୍ଥିତି ସୃଷ୍ଟି ହୋଇଛି; ଗ୍ରୀଷ୍ମଋତୁରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ଓ ମନଇଚ୍ଛା ବିଲ୍ ଆସୁଛି ବୋଲି ଅଭିଯୋଗ କରି ରାଜ୍ୟ ସରକାର ଟାଟା କମ୍ପାନୀକୁ ବିଦା କରି ବିଜୁଳିକୁ ନିଜ ହାତକୁ ନେବା ପାଇଁ ଦାବି କରିଥିଲେ। ବିକ୍ଷୋଭ ପରେ ରାଜ୍ୟ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଟାଟା ପାୱାର (ବଣ୍ଟନ) ସିଇଓଙ୍କୁ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ବିଜୟ ଜେନା, ଜୋନ ସହସମ୍ପାଦକ କୈଳାସ ପୁହାଣ, ନାନିକା ମୁଣ୍ଡା, ପାର୍ବତୀ ଲାଗୁରି, ରମା ବେହେରା, ଶୈଳ ନାୟକ, ସବିତା ବେହେରା, ଛେତନ୍ୟର ଭୋଇ, ଲୋକନାଥ ଭୋଇ, ଆଦିବାସୀ ନେତା ଡାକ ହେମ୍ରମ୍, ଅଶୋକ ବାରିକ, ପାପା ମାକ ଓ ମଙ୍ଗଳା ସେଠୀ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ବ୍ଲକ ସଂକରପୁର ସ୍ଥିତ ତ୍ରିଶକ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅମୁଲ କୁମାର ପାତ୍ର ମାର୍ଚ୍ଚ ୩୧ ତାରିଖରେ ଅବସର ନେଇ ସାରିଥିବା ବେଳେ ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ଛତୀନ୍ଦ୍ର ଦଣ୍ଡପାଟ ଅପ୍ରେଲ ୩୦ରେ ଅବସର ନେଇଛନ୍ତି। ପ୍ରାୟ ୧ ମାସ ଅନ୍ତରରେ ଦୁଇ ଦୁଇ ଜଣ ଶିକ୍ଷକ ଅବସର ନେଉଥିବାରୁ ଏହାକୁ ସ୍ମରଣୀୟ କରିବା ପାଇଁ ସହକାରୀ ଶିକ୍ଷକ, ପୁରାତନ ଛାତ୍ର ଏବଂ ଗ୍ରାମବାସୀ ମାନେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ। ଏହି ସଭାର ମଞ୍ଚ ପରିଚାଳନା ଦାୟିତ୍ୱ ନେଇଥିଲେ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି। ମଞ୍ଚରେ ସଭାପତି ଭାବେ ଶ୍ରୀଯୁକ୍ତ ରାମଚନ୍ଦ୍ର ଓଝା ଓ ଉଦ୍‌ଘାଟକ ଭାବେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ କବିତା ପାଣୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରେମୁରା ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ କାଳେନ୍ଦି ଚରଣ ସୋରେନ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଶ୍ରୀଯୁକ୍ତ ଜୟନ୍ତ କୁମାର ଦାସ, ଶ୍ରୀଧର ଘୋଷ, ସ୍ମୃତିଧର ସାହୁ, କରୁଣାକର ମହାଳିକ, ଦେବେନ୍ଦ୍ର ପଣ୍ଡା ଓ ଭରତ ଚରଣ ଓଝା ଉପସ୍ଥିତ ଥିଲେ। ପୁରାତନ ଛାତ୍ର ଦୀପକ ମହାନ୍ତି, ଦେବାଶିଷ ଦାସ, ସଂଜୟ ମହାନ୍ତି, ସୌମ୍ୟ ରଞ୍ଜନ ଓଝା, ଅନୀଲ ମହାନ୍ତି, ହରିଶ ଚନ୍ଦ୍ର ମହାନ୍ତି, ବିଜୟ ମହାନ୍ତି, ସୋମନାଥ ମହାନ୍ତି, ଭଜକିଶୋର ମହାନ୍ତି, ସଂଜୟ କୁମାର ବେହେରା ଓ ମଞ୍ଚରେ ବସିଥିବା ସମସ୍ତ ଅତିଥି ମାନେ ଶ୍ରୀଯୁକ୍ତ ପାତ୍ର ଏବଂ ଶ୍ରୀଯୁକ୍ତ ଦଣ୍ଡପାଟଙ୍କ ଦୀର୍ଘ ବର୍ଷର ଶିକ୍ଷକତା ସହିତ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ପରି ମଣିଷଟିଏ ଗଢ଼ିବା ପାଇଁ ଚେଷ୍ଟା କରିବା ଓ ବିଦ୍ୟାଳୟର ଉନ୍ନତି ଦିଗରେ ଅକ୍ଳାନ୍ତ ପରିଶ୍ରମ କରିବା ଆଦି ନିଜ ନିଜ ବକ୍ତବ୍ୟରେ କହିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଥମେ ଉଦ୍‌ଘାଟନୀ ସଂଗୀତ ପରିବେଷଣ କରାଯିବା ସହିତ ମଝିରେ ମଝିରେ ସମ୍ବର୍ଦ୍ଧନା ସଂଗୀତ ଗାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଗ୍ରାମବାସୀ ଓ ପୁରାତନ ଛାତ୍ର ଛାତ୍ରୀ ଅବସରକାଳୀନ ମାନପତ୍ର ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ସ୍ମରଣୀୟ ରଖିବା ପାଇଁ ସମସ୍ତେ ଉପହାର ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ସରସ୍ୱତୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ମୁଦୁଲିପଡ଼ାରେ ବିଏସ ଏଫ ଦ୍ୱାରା ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ

ମାଲକାନଗିରି, (ପି.ଏନ): କୋରାପୁଟ ବିଏସ୍‌ଏଫ୍ ଡିଆଇଜି ମଦନ ଲାଲ,ଟି ଟି ନରସିଂହ ରେଡ୍ଡୀ, କମାଣ୍ଡାଣ୍ଟ ୬ ୫ ବିଏନ୍ ବିଏସ୍‌ଏଫ୍ ମିଳିତ ଭାବେ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକର ମୁଦୁଲିପଡା ଠାରେ ପ୍ରତିଷ୍ଠା ହୋଇଥିବା ବିଏସ ଏଫ କ୍ୟାମ୍ପ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ସୁରକ୍ଷା ଦୃଷ୍ଟିକୋଣ ଏବଂ ୟୁନିଟ୍‌ର କାର୍ଯ୍ୟକ୍ଷମ ପ୍ରସ୍ତୁତି ବିଷୟରେ କମାଣ୍ଡାଣ୍ଟ ସୂଚନା ଦେଇଥିଲେ ।ଡେପୁଟି ଇନିସ ପେକ୍ଟର ଜେନେରାଲଙ୍କ ଉପସ୍ଥିତିରେ ମୁଦୁଲିପଡା ବିଏସ୍‌ଏଫ୍ କ୍ୟାମ୍ପରେ ୬ ୫ ବିଏନ୍ ବିଏସ୍‌ଏଫ୍ ଦ୍ୱାରା ଏକ ସିଭିକ୍ ଆକ୍ସନ ପ୍ରୋଗ୍ରାମ, ସ୍ୱାସ୍ଥ୍ୟ ଶିବିର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ ସମୟରେ ମୁଦୁଲିପଡା, ସିଲାଇଗଡା, ଗୋଖରପଡା, ସମ୍ବଲପୁରର ଗ୍ରାମବାସୀଙ୍କୁ ପୋଷାକ ସାମଗ୍ରୀ, ଷ୍ଟେସନାରୀ, ଖେଳିବା ଉପକରଣ ବଣ୍ଟନ କରାଯାଇଥିଲା। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଯାଂଚ ପାଇଁ ଏକ ଡାକ୍ତରୀ ଶିବିର ଆୟୋଜନ କରାଯାଇଥିଲା ଯେଉଁଥିରେ ପ୍ରାୟ ୩ ୫ ୦ ଜଣ ଗ୍ରାମବାସୀ ଏବଂ ଛାତ୍ର ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା । ସମାଜର ମୁଖ୍ୟ ସ୍ରୋତରେ ଯୋଡିହେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଏସ୍‌ଏଫ୍ ଡିଆଇଜି ଶ୍ରୀ ଲାଲ କହଥିଲେ ମାଓବାଦୀ ଙ୍କ ବିରୁଦ୍ଧରେ ବିଏସ୍‌ଏଫ୍ ଆକ୍ରମଣକୁ ତୀବ୍ର କରାଯିବ ଏବଂ ସାମାଜିକ ବିରୋଧୀ କାର୍ଯ୍ୟକଳାପ ଯାଂଚ କରିବା ପାଇଁ ଏକକାଳୀନ କାର୍ଯ୍ୟକ୍ଷମ କାର୍ଯ୍ୟକଳାପ ହେବ। ବିଏସ୍‌ଏଫ୍ କଲ୍ୟାଣମୂଳକ କାର୍ଯ୍ୟକଳାପ ଯେପରିକି ଜନସମ୍ପର୍କ କାର୍ଯ୍ୟକ୍ରମ, ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ, ଡାକ୍ତରୀ ଶିବିର ଏବଂ କ୍ରୀଡା କାର୍ଯ୍ୟକଳାପ ଇତ୍ୟାଦି ମଧ୍ୟ ଜାରି ରଖିବ, ଏହା ନିଶ୍ଚିତ ଭାବରେ ସ୍ଥାନୀୟ ଲୋକ ଏବଂ ବିଏସ୍‌ଏଫ୍ ମଧ୍ୟରେ ସମ୍ପର୍କକୁ ସୁଦୃଢ କରିବାରେ ଏକ ଦୀର୍ଘ ରାସ୍ତା ଯିବ !ଏହିପରି କାର୍ଯ୍ୟକ୍ରମ ଆବଶ୍ୟକୀୟ ଆବଶ୍ୟକତାକୁ ସମାଧାନ କରିଥାଏ । ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ସରକାରୀ ଏଜେନ୍ସି ମାଧ୍ୟମରେ ସେମାନଙ୍କର ଅଭିଯୋଗର ସମାଧାନ ପାଇଁ ଏକ ସୁଯୋଗ ପ୍ରଦାନ କରେ । ମୁଦୁଲିପଡା ଥାନା ଆଇଆଇସି ଚନ୍ଦ୍ରକାନ୍ତ ତାଣ୍ଡି ଏବଂ ମୁଦୁଲିପଡାର ସରପଂଚ ସମ୍ବରୀ ଡାଙ୍ଗା ମାଝୀ , ଅନୁସୂଚିତ ଜାତି ଜନଜାତି ବାଳକ ଉଚ୍ଚ ବିଦ୍ୟାଳୟ ମୁଦୁଲିପଡା , ବାଳିକା ଉଚ୍ଚ ବିଦ୍ୟାଳୟ ମୁଦୁଲିପଡା ର ଶିକ୍ଷକମାନେ ଉପସ୍ଥିତ ଥିଲେ। ବିଏସ୍‌ଏଫ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ସେମାନେ ସମସ୍ତେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ସ୍ଥାନୀୟ ସଂସ୍କୃତି ଓ ପରମ୍ପରା ପ୍ରଦର୍ଶନ ପାଇଁ "ବଣ୍ଡା ଏବଂ ଡେମସା ନୃତ୍ୟ" ପ୍ରଦର୍ଶନ କରୁଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ ପାଳିତ

କୋଣାର୍କ (ପିଏନ୍): ଚଳିତ ବୈଶାଖ ମାସ ଶୁକ୍ଳ ପକ୍ଷ ୧୨ ତାରିଖ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଯାଇଛି । ଅର୍କକ୍ଷେତ୍ରର ରକ୍ଷାକର୍ତ୍ତୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବର ସହକାରେ ପାଳନ କରିଥାନ୍ତି।। ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୁଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରି ଥିଲେ । ମା' ରାମଚଣ୍ଡୀଙ୍କ ନିମନ୍ତେ କୂଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନିତୀ ସମ୍ପନ୍ନ କରିଥିଲେ । ପ୍ରତ୍ୟକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥିଲେ ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାରେ ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୁହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥିଲା । ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷ ଘରଚୂଲାରୁ ଅଗ୍ନୀ ଆଣୀ ପ୍ରତ୍ୟକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବାସହ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥିଲେ । ମାହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବା ମିଶା ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥିଲେ । ଏହି ସମୟରେ ମା'ଙ୍କ ରୋଷଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଏତାଦୃଶ୍ୟ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗଲଗାଇ ଥିଲେ । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥିଲେ । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣିଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରିବା ପରେ ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୂଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରୀ ନିରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥିଲେ । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦକ୍ଷିଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥିଲେ । ଏହାପରେ ମହିଳାମାନେ ଏକ ମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥିଲେ । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥିଲା ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଶରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବେ ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ୧୦ ତାରିଖରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ

ମୋ ସହର

ରେଲୱେ ଇନଷ୍ଟିଚ୍ୟୁଟ ପକ୍ଷରୁ ଚତୁର୍ଥ ଖାଦ୍ୟ ମହୋତ୍ସବ

କଟକ,(ପି.ଏନ) : ପୂର୍ବତଟ ରେଲବାଇ ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ କଟକ ରେଲୱେ ଇନଷ୍ଟିଚ୍ୟୁଟ ପକ୍ଷରୁ ଚତୁର୍ଥ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଇନ୍‌ଷ୍ଟିଚ୍ୟୁଟର ସଭାପତି ଡକ୍ଟର ସଞ୍ଜିବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରେଳବାଇ ରିକ୍ୟୁର୍ଟମେଣ୍ଟ ବୋର୍ଡର ଚେୟାରମ୍ୟାନ ସ୍ମୃତିରଞ୍ଜନ ସେଠୀ ଓ ସିନିୟର ଏ.ଡ଼ି.ଜି.ଏମ୍. ରାଧାରମଣ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ଏହି ମେଗା ଖାଦ୍ୟ ଉତ୍ସବରେ ପଚଶଟ ଷ୍ଟଲରେ କଟକ ରେଲୱେ ଇନ୍‌ଷ୍ଟିଚ୍ୟୁଟର ପରିବାର ସଭ୍ୟ ଓ କର୍ମକର୍ତ୍ତାମାନେ ଉଭୟ ଆମିଷ ଓ ନିରାମିଷର ବିଭିନ୍ନ ସୁସ୍ୱାଦୁ ଆକର୍ଷଣୀୟ ଘରୋଇ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀରେ ଡକ୍ଟର ନିବେଦିତା ଗୁରୁ ତାଙ୍କ ଦୁଇ ସହକର୍ମୀ ଯୋଗ ଦେଇଥିବାବେଳେ ମାଣ୍ଡିଆରେ ପ୍ରସ୍ତୁତ ସ୍ୱତନ୍ତ୍ର ଖାଦ୍ୟ ପାଇଁ ରାଜଲକ୍ଷ୍ମୀ ବିଶ୍ୱାଳଙ୍କୁ ପ୍ରଥମ, ମାଙ୍ଗାଲୋର ଚିକେନ କରିଥିବା ବୀଣାପାଣି ମିଶ୍ରଙ୍କୁ ଦ୍ୱିତୀୟ ପୁରସ୍କାର ଓ ଅମୃତଭଣ୍ଡା ଖିରି ପ୍ରସ୍ତୁତ କରିଥିବା ସିଲା ବେଉରାଙ୍କୁ ତୃତୀୟ ପୁରସ୍କାର ସହିତ ଅଂଶ ଗ୍ରହଣକାରୀ ସମସ୍ତ ସହଯୋଗୀମାନଙ୍କୁ ପାର୍ଟିସିପେସନ ଆୱାର୍ଡ଼ ପ୍ରଦାନ କରାଯାଇଥିଲା । ଘରୋଇ ଖାଦ୍ୟ ଓ ଘରେ ଥିବା ନିଜ ପସନ୍ଦର ହସ୍ତ ପ୍ରସ୍ତୁତ ଖାଦ୍ୟ କୌଶଳର ଦେଶୀୟ, ସୁସ୍ୱାଦୁ ବ୍ୟଞ୍ଜନ ଓ ସ୍ୱାସ୍ଥ୍ୟକର ସବଜି ପ୍ରସ୍ତୁତିର ହସ୍ତ ରୋଷେଇ କଳା ନୈପୁଣ୍ୟ ପ୍ରଦର୍ଶନ ଏହି ଖାଦ୍ୟମେଳାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ରହିଥିଲା । ଅତିଥି ମଣ୍ଡଳୀ ରେଳବାଇ କର୍ମଚାରୀମାନଙ୍କ ଏପରି ଦେଶୀୟ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତିର ସ୍ୱତନ୍ତ୍ର କଳା ନୈପୁଣ୍ୟତା କଟକ ରେଳବାଇ ଇନଷ୍ଟିଚ୍ୟୁଟର ଅତିଥି ଦେବୋ ଭବର ମହାମନ୍ତ୍ରକୁ ପ୍ରତିପାଦିତ କରୁଛ ବୋଲି ମତବ୍ୟକ୍ତ କରିଥିଲେ । ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରୁଥିବା ଅନୁଷ୍ଠାନର ପ୍ରତିନିଧି, ରେଲୱେ ଇନଷ୍ଟିଚ୍ୟୁଟର କର୍ମକର୍ତ୍ତା ଓ ସେମାନଙ୍କ ପରିବାର, ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ସୂଚନାଥାଉକି ବର୍ଷ ତମାମ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ ଗରିବ, ଅସହାୟ, ବ୍ୟକ୍ତିବିଶେଷ ଓ ପରିବାର ବର୍ଗଙ୍କୁ କଟକ ରେଳବାଇ ଇନଷ୍ଟିଚ୍ୟୁଟର ପରିବାର ପକ୍ଷରୁ ବିଭିନ୍ନ ସମୟରେ ଖାଦ୍ୟ ପ୍ରସ୍ତୁତ କରାଯାଇ ସେମାନଙ୍କୁ ଅର୍ପଣ କରାଯାଏ ଓ ଏହି ନର ନାରାୟଣ ସେବା ପାଇଁ ବିଭିନ୍ନ ଅନୁଷ୍ଠାନ ଭୂୟଂସୀ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି ।

ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନିତ କରିବାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟାଙ୍କୁ ଦାବିପତ୍ର

କେନ୍ଦୁଝର,(ପି.ଏନ): ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନିତ କରିବାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରଛନ୍ତି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ । ଶୁକ୍ରବାର ଦିନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ କେନ୍ଦୁଝର ଜିଲ୍ଲା ଗସ୍ତ ଏହି ଦାବୀପତ୍ର ପ୍ରଦାନ କରାଯାଇଛି । କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ଏବଂ ଏହି ଜିଲ୍ଲାରେ ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୩୧ଟି ଉଚ୍ଚ ବିଦ୍ୟାଳୟ ଅଛି । ଏଥିରୁ ପ୍ରତିବର୍ଷ ପ୍ରାୟ ୨୫୦୦ ଛାତ୍ରଛାତ୍ରୀ ମାଟ୍ରିକ୍ ପାସ୍ କରୁଥିଲେ ମଧ୍ୟ ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ବିଭାଗ ତରଫରୁ ଅଧିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାହିଁ । ଓଡିଶାରେ ଏହି ବିଭାଗ ଅଧିନରେ ୮ ଟି ଶିକ୍ଷା ଜୋନ୍ ଥିବାବେଳେ କେନ୍ଦୁଝର ଏଥିମଧ୍ୟରୁ ଅନ୍ୟତମ । ଏହି ଜୋନ୍ ଅଧିନରେ ଓ ଡ଼ିଶାର କେନ୍ଦୁଝର,ଯାଜପୁର,କଟକ,କେନ୍ଦ୍ରାପଡା, ଖୋର୍ଦ୍ଧା,ପୁରୀ,ନୟାଗଡ ଇତ୍ୟାଦି ୧୦ଟି ଜିଲ୍ଲା ଅଛି । କିନ୍ତୁ ଏହି ଜୋନ୍‌ରେ ମାତ୍ର ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟ କରୁଛି । ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ୍ ହାର କମାଇବା ତଥା ଜିଲ୍ଲାର ଅନୁସୂଚୀତ ଜନଜାତି ଓ ଜାତି ଛାତ୍ରଛାତ୍ରୀ ମାନଙ୍କର ଉଚ୍ଚ ଶିକ୍ଷା ପାଇଁ ପୂର୍ବତନ ବିଭାଗୀୟ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଶୁଆକାଟୀ ଉଚ୍ଚ ବିଦ୍ୟାଳୟ, ବକ୍ସିବାରିଗାଁ ଉଚ୍ଚ ବିଦ୍ୟାଳୟ, ଚିଲିଦା ଉଚ୍ଚ ବିଦ୍ୟାଳୟ, ଅସନପାଟ ବାଳିକା ଉଚ୍ଚ ବିଦ୍ୟାଳୟ, ନରଣପୁର ଉଚ୍ଚ ବିଦ୍ୟାଳୟ ଓ ବସନ୍ତପୁର ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଖୋଲିବା ପାଇଁ ବିଭାଗୀୟ ସଚିବଙ୍କୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ । ଏଣୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରି ଉପରୋକ୍ତ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନିତ କରିବାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ପ୍ରଦାନ ସମୟରେ ଲୋକସଭା ସଦସ୍ୟା ଚନ୍ଦ୍ରାଣୀ ମୁର୍ମୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ରାମରାୟ ମୁନ୍ଦୁୟା ଓ ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାଦିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଜନଜାତି ସମ୍ମିଳନୀ ଅନୁଷ୍ଠିତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚୁ

କେନ୍ଦୁଝର,(ପି.ଏନ):ଜନଜାତି ମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସୁଫଳ ସମସ୍ତଙ୍କ ନିକଟରେ ପହଂଚୁ । ଏଥିନିମନ୍ତେ ସମାଜର ସମସ୍ତ ବର୍ଗର ଜନସାଧାରଣଙ୍କ ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମାଝୀ କହିଛନ୍ତି । ଚଳିତ ଫେବୃଆରୀ ୧୭ ତାରିଖ ଶୁକ୍ରବାର ଦିନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କେନ୍ଦୁଝର ଆନୁକୁଲ୍ୟରେ ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଅଡିଟୋରିୟମ୍ ଠାରେ ଆୟୋଜିତ ଜନଜାତି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟ ଉପଦେଷ୍ଟା ଶ୍ରୀ ମାଝୀ ଏହି ମତବ୍ୟକ୍ତ କରିଛନ୍ତି । ଉଦ୍‌ବୋଧନ ଛଳରେ ରାଜ୍ୟ ଉପଦେଷ୍ଟା ଶ୍ରୀ ମାଝୀ କହିଥିଲେ ଯେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତି ପ୍ରତି ଶ୍ରେଷ୍ଠ ସମ୍ମାନ ଦେଇଛନ୍ତି । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନର ଯେଉଁ ଉଦ୍ଦେଶ୍ୟ ଏବଂ ଆକାଂକ୍ଷା ରହିଛି ତାହା ସମସ୍ତେ ଜାଣିବା ଦରକାର । ଏଣୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଲକ୍ଷ୍ୟ, କାର୍ଯ୍ୟାବଳୀ ସମ୍ପର୍କରେ ବ୍ୟାପକ ଜନସଚେତନତା ଉପରେ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଥିଲେ । ଜନଜାତି ମାନଙ୍କର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାର ସଂରକ୍ଷଣ ଓ ବିକାଶ ସହିତ ଜନଜାତି ଲୋକ କିପରି ସ୍ୱାବଲମ୍ବୀ ହେବେ ସେମାନଙ୍କର କିପରି ବିକାଶ ହେବ, ସେଥିପାଇଁ ଉନ୍ନୟନ ପରିଷଦ କାର୍ଯ୍ୟ କରୁଛି । ଏତଦ୍‌ବ୍ୟତୀତ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ତଥାପି ଯଦି କୌଣସି ସ୍ଥଳରେ ଆବଶ୍ୟକ ପଡେ ସେଥିପାଇଁ ଉନ୍ନୟନ ପରିଷଦ ସେ କ୍ଷେତ୍ରରେ ନିଜସ୍ୱ ଯୋଜନା କାର୍ଯ୍ୟକାରୀ କରିପାରିବ । ଗ୍ରାମାଞ୍ଚଳ ସହିତ ସହରାଞ୍ଚଳରେ ବସବାସ କରୁଥିବା ଜନଜାତିଙ୍କ କଲ୍ୟାଣ ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟକ୍ରମ ହାତକୁ ନେଇପାରିବ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜରିଆରେ ଜନଜାତି ମାନଙ୍କର ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟ ପରିସରକୁ ବ୍ୟାପ

ଖୋଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Saturday February 18, 2023 ଭୁବନେଶ୍ୱର ଶନିବାର, ଫେବୃଆରୀ ୧୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

ରେଲୱେ ଇନଷ୍ଟିଚ୍ୟୁଟ ପକ୍ଷରୁ ଚତୁର୍ଥ ଖାଦ୍ୟ ମହୋତ୍ସବ

କଟକ, (ପି.ଏନ): ପୂର୍ବତଟ ରେଳବାଇ ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ କଟକ ରେଲୱେ ଇନଷ୍ଟିଚ୍ୟୁଟ ପକ୍ଷରୁ ଚତୁର୍ଥ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଇନ୍‌ଷ୍ଟିଚ୍ୟୁଟର ସଭାପତି ଡକ୍ଟର ସଞ୍ଜିବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରେଳବାଇ ରିକ୍ୟୁର୍ଟମେଣ୍ଟ ବୋର୍ଡର ଚେୟାରମ୍ୟାନ ସ୍ମୃତିରଞ୍ଜନ ସେଠୀ ଓ ସିନିୟର ଏ.ଡ଼ି.ଜି.ଏମ୍. ରାଧାରମଣ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ଏହି ମେଗା ଖାଦ୍ୟ ଉତ୍ସବରେ ପଚିଶଟି ଷ୍ଟଲରେ କଟକ ରେଲୱେ ଇନ୍‌ଷ୍ଟିଚ୍ୟୁଟର ପରିବାର ସଭ୍ୟ ଓ କର୍ମକର୍ତ୍ତାମାନେ ଉଭୟ ଆମିଷ ଓ ନିରାମିଷର ବିଭିନ୍ନ ସୁସ୍ୱାଦୁ ଆକର୍ଷଣୀୟ ଘରୋଇ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀରେ ଡକ୍ଟର ନିବେଦିତା ଗୁରୁ ତାଙ୍କ ଦୁଇ ସହକର୍ମୀ ଯୋଗ ଦେଇଥିବାବେଳେ ମାଣ୍ଡିଆରେ ପ୍ରସ୍ତୁତ ସ୍ୱତନ୍ତ୍ର ଖାଦ୍ୟ ପାଇଁ ରାଜଲକ୍ଷ୍ମୀ ବିଶ୍ୱାଳଙ୍କୁ ପ୍ରଥମ, ମାଙ୍ଗାଲୋର ଚିକେନ କରିଥିବା ବୀଣାପାଣି ମିଶ୍ରଙ୍କୁ ଦ୍ୱିତୀୟ ପୁରସ୍କାର ଓ ଅମୃତଭଣ୍ଡା ଖିରି ପ୍ରସ୍ତୁତ କରିଥିବା ସିଲା ବେଉରାଙ୍କୁ ତୃତୀୟ ପୁରସ୍କାର ସହିତ ଅଂଶ ଗ୍ରହଣକାରୀ ସମସ୍ତ ସହଯୋଗୀମାନଙ୍କୁ ପାର୍ଟିସିପେସନ ଆୱାର୍ଡ଼ ପ୍ରଦାନ କରାଯାଇଥିଲା । ଘରୋଇ ଖାଦ୍ୟ ଓ ଘରେ ଥିବା ନିଜ ପସନ୍ଦର ହସ୍ତ ପ୍ରସ୍ତୁତ ଖାଦ୍ୟ କୌଶଳର ଦେଶୀୟ, ସୁସ୍ୱାଦୁ ବ୍ୟଞ୍ଜନ ଓ ସ୍ୱାସ୍ଥ୍ୟକର ସବଜି ପ୍ରସ୍ତୁତିର ହସ୍ତ ରୋଷେଇ କଳା ନୈପୁଣ୍ୟ ପ୍ରଦର୍ଶନ ଏହି ଖାଦ୍ୟମେଳାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ରହିଥିଲା । ଅତିଥି ମଣ୍ଡଳୀ ରେଳବାଇ କର୍ମଚାରୀମାନଙ୍କ ଏପରି ଦେଶୀୟ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତିର ସ୍ୱତନ୍ତ୍ର କଳା ନୈପୁଣ୍ୟତା କଟକ ରେଳବାଇ ଇନଷ୍ଟିଚ୍ୟୁଟର ଅତିଥି ଦେବୋ ଭବର ମହାମନ୍ତ୍ରକୁ ପ୍ରତିପାଦିତ କରୁଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରୁଥିବା ଅନୁଷ୍ଠାନର ପ୍ରତିନିଧି, ରେଲୱେ ଇନଷ୍ଟିଚ୍ୟୁଟର କର୍ମକର୍ତ୍ତା ଓ ସେମାନଙ୍କ ପରିବାର, ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ସୂଚନାଥାଉକି ବର୍ଷ ତମାମ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ ଗରିବ, ଅସହାୟ, ବ୍ୟକ୍ତିବିଶେଷ ଓ ପରିବାର ବର୍ଗଙ୍କୁ କଟକ ରେଳବାଇ ଇନଷ୍ଟିଚ୍ୟୁଟର ପରିବାର ପକ୍ଷରୁ ବିଭିନ୍ନ ସମୟରେ ଖାଦ୍ୟ ପ୍ରସ୍ତୁତ କରାଯାଇ ସେମାନଙ୍କୁ ଅର୍ପଣ କରାଯାଏ ଓ ଏହି ନର ନାରାୟଣ ସେବା ପାଇଁ ବିଭିନ୍ନ ଅନୁଷ୍ଠାନ ଭୂୟଂସୀ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି ।

ରାଧାକୃଷ୍ଣ ମିଳନ ପାଇଁ ପ୍ରସ୍ତୁତି ବୈଠକ

ଦର୍ପଣ, (ପି.ଏନ): ଯାଜପୁର ଜିଲ୍ଲାର ପୁରାତନ ରାଧାକୃଷ୍ଣ ମିଳନ ମଧ୍ୟରୁ ଚଣ୍ଡିଖୋଲ ଛକ ସ୍ଥିତ ରାଧାକୃଷ୍ଣ ମିଳନ ଅନ୍ୟତମ । ଆଗାମୀ ମାର୍ଚ୍ଚମାସରେ ହେବାକୁ ଥିବା ଏହି ମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଚଣ୍ଡିଖୋଲ ଛକ ସ୍ଥିତ ବଣିକ ସଂଘ କାର୍ଯ୍ୟାଳୟ ଠାରେ ସଭାପତି କ୍ଷୀରୋଦ ଚନ୍ଦ୍ର ମହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗତ ୨ବର୍ଷ ହେଲା କରୋନା ମହାମାରୀ ପାଇଁ ଏହି ମିଳନ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଆସୁଥିଲା । ମାତ୍ର ଚଳିତ ବର୍ଷ କରୋନା କଟକଣା ଉଠିଯାଇଥିବାରୁ ଏହି ମିଳନ ଉତ୍ସବକୁ ଯାକ ଯମକରେ ପାଳନ କରିବାପାଇଁ ଆଜିର ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା । ଏଥି ସହିତ ବିଭିନ୍ନ ମଠର ବିମାନ ଗୁଡ଼ିକୁ ନିମନ୍ତ୍ରଣ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଶାନ୍ତି ଓ ଶୃଙ୍ଖଳା ସହିତ ଏହି ମିଳନ ଉତ୍ସବକୁ ଜନସାଧାରଣଙ୍କ ସାହାଯ୍ୟ ସହଯୋଗ କମନା କରିଛନ୍ତି ।

ଯୋଡା ମହିଳାମାନଙ୍କୁ ସଶକ୍ତ କରୁଛି ଟାଟା ଷ୍ଟିଲ ଫାଉଣ୍ଡେସନର ଛତୁ ପ୍ରକଳ୍ପ

ଯୋଡା,(ପି.ଏନ):ଚଳିତ ଋତୁରେ ଛତୁ ଚାଷ କରି ରେକର୍ଡ ଉତ୍ପାଦନ କରିଥିବା ଯୋଡା ବ୍ଲକ ଗୁରୁଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଠାକୁରାଣୀ ଗ୍ରାମର ମହିଳା ଶଶିବାଳା ମୁଣ୍ଡା ଏବେ ଖୁବ୍ ଆନନ୍ଦିତ । କାରଣ ସେ ଏହି ଚାଷ କରି ନିଜ ପରିବାରକୁ ଆର୍ଥିକ ସହାୟତାର ହାତ ବଢାଇ ପାରିଛି । ଚଳିତ ବର୍ଷ ସେ ୨୫୦ ବେଡ୍‌ରେ ଛତୁ ଚାଷ ଉତ୍ପାଦନ କରିପାରିଛନ୍ତି । ଏହି ଅଂଚଳରେ ଘରେ ଉତ୍ପାଦନ ହେଉଥିବା ଛତୁର ବହୁତ ଚାହିଦା ଥିବାରୁ ଗ୍ରାହକମାନେ ଘରକୁ ଆସି ନିଜ ଆବଶ୍ୟକତା ଅନୁସାରେ ଛତୁ ନେଉଛନ୍ତି ବୋଲି ମୁଣ୍ଡା ପ୍ରକାଶ କରିଛନ୍ତି । କେବଳ ଶଶିବାଳା ନୁହଁନ୍ତି ଯୋଡା ମୁନିସିପାଲଟି ଭିତରେ ଏବଂ ଆଖପାଖ ଗାଁର ମହିଳାମାନେ ମଧ୍ୟ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ଦ୍ୱାରା ପ୍ରୋତ୍ସାହିତ ଏହି ଛତୁ ଚାଷ ପ୍ରକଳ୍ପ ଦ୍ୱାରା ବହୁ ଉପକୃତ ହେବା ସହ ସଶକ୍ତ ହେଉଛନ୍ତି । ଟିଏସ୍‌ଏଫ୍‌ର ଏହି ପ୍ରକଳ୍ପ ମହିଳା ମାନଙ୍କୁ ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ସହିତ ପୁରୁଷ କେନ୍ଦ୍ରିକ ସମାଜରେ ଏକ ମହିଳା ଉଦ୍ୟୋଗି ଭାବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇ ପାରିଛି । ଯୋଡା ବ୍ଲକ ଅନ୍ତର୍ଗତ ଜଳହରି, ବାଲଦା, ନୟାଗଡ ଏବଂ ପଲସା ଗ୍ରାମ ପଂଚାୟତ ଅନ୍ତର୍ଗତ ବିଛାକୁଣ୍ଡି, ଖଣ୍ଡବନ୍ଧ, ଗୁରୁଡା, ରଙ୍ଗାମାଟିଆ, ଜମୁନାପୋଷି ଏବଂ ଯୋଡା ବସ୍ତି ଅଂଚଳର ପ୍ରାୟ ୭୦ ଜଣ ମହିଳା ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହୋଇଛନ୍ତି । ଚଳିତ ଋତୁରେ ୭୫ ବେଡ୍ ଛତୁ ଉତ୍ପାଦନ କରିଥିବା ବିଜାକୁଣ୍ଡି ଗ୍ରାମର ମହିଳା ବାସନ୍ତି ଚକ୍ରବର୍ତ୍ତି ନିଜ ପରିବାର ପାଇଁ ଅତିରିକ୍ତ ଆୟ କରିପାରୁଥିବାରୁ ଖୁସି ଅନୁଭବ କରିଛନ୍ତି । ବାସନ୍ତୀଙ୍କ ଅନୁସାରେ ସେ କିଲୋ ପିଛା ୧୪୦ଟଙ୍କା ଦରରେ ଛତୁ ବିକ୍ରୀ କରିବା ସହିତ ନିଜ ପରିବାରର ଅଧା ଖର୍ଚ୍ଚ ବହନ କରିବାରେ ସହାୟତା କରିପାରୁଛନ୍ତି । ଆଗାମୀ ବର୍ଷରେ ସେ ଆହୁରି ଅଧିକ ମାତ୍ରାରେ ଚଷା କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହା ସହିତ ସେ ଟିଏସ୍‌ଏଫ୍ରୁ ଏବଂ ବେଡ୍ ନିର୍ମାଣ ପାଇଁ ସହାୟତା ଯୋଗାଇ ଥିବାରୁ ଧନ୍ୟବାଦ ଜଣାଇଛନ୍ତି । ଏବେ ଏହି ଅଂଚଳରେ ମହିଳାମାନେ ଅଧିକରୁ ଅଧିକ ଢିଙ୍ଗରି ଏବଂ ବଟନ୍ ଛତୁ ଚାଷ କରିବାରେ ପରିଲକ୍ଷିତ ହେଉଛି । ଯେଉଁ ମାନଙ୍କୁ ଟିଏସ୍‌ଏଫ୍ ବୈଷୟିକ ଏବଂ ବେଡ ନିର୍ମାଣ ପାଇଁ ସହାୟତା ମଧ୍ୟ କରିଛି । ଏହା ସହିତ ଫାଉଣ୍ଡେସନ ପକ୍ଷରୁ ସେମାନଙ୍କ ଉତ୍ପାଦ ବିକ୍ରୀ ପାଇଁ ଜରୁରୀ ବଜାର ସଂଯୋଗୀକରଣ ମଧ୍ୟ ଯୋଗାଇ ଦିଆଯାଇଛି । ଟିଏସ୍‌ଏଫ୍ ସହାୟତାରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ସ୍ଥାନୀୟ ଅଂଚଳରେ ଛତୁ ଉତ୍ପାଦନରେ ବୃଦ୍ଧି ଘଟିଛି । ଏହା ସହିତ ଉତ୍ପାଦକ ମାନଙ୍କୁ ସମୟ ସମୟରେ ଛତୁ ଚାଷ ସମ୍ପର୍କିତ ଜରୁରୀ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଉଛି ।

ରାଧାକୃଷ୍ଣ ମିଳନ ପାଇଁ ପ୍ରସ୍ତୁତି ବୈଠକ

ଦର୍ପଣ , (ପି.ଏନ): ଯାଜପୁର ଜିଲ୍ଲାର ପୁରାତନ ରାଧାକୃଷ୍ଣ ମିଳନ ମଧ୍ୟରୁ ଚଣ୍ଡିଖୋଲ ଛକ ସ୍ଥିତ ରାଧାକୃଷ୍ଣ ମିଳନ ଅନ୍ୟତମ । ଆଗାମୀ ମାର୍ଚ୍ଚମାସରେ ହେବାକୁ ଥିବା ଏହି ମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଚଣ୍ଡିଖୋଲ ଛକ ସ୍ଥିତ ବଣିକ ସଂଘ କାର୍ଯ୍ୟାଳୟ ଠାରେ ସଭାପତି କ୍ଷୀରୋଦ ଚନ୍ଦ୍ର ମହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗତ ୨ବର୍ଷ ହେଲା କରୋନା ମହାମାରୀ ପାଇଁ ଏହି ମିଳନ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଆସୁଥିଲା । ମାତ୍ର ଚଳିତ ବର୍ଷ କରୋନା କଟକଣା ଉଠିଯାଇଥିବାରୁ ଏହି ମିଳନ ଉତ୍ସବକୁ ଯାକ ଯମକରେ ପାଳନ କରିବାପାଇଁ ଆଜିର ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା । ଏଥି ସହିତ ବିଭିନ୍ନ ମଠର ବିମାନ ଗୁଡ଼ିକୁ ନିମନ୍ତ୍ରଣ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଶାନ୍ତି ଓ ଶୃଙ୍ଖଳା ସହିତ ଏହି ମିଳନ ଉତ୍ସବକୁ ଜନସାଧାରଣଙ୍କ ସାହାଯ୍ୟ ସହଯୋଗ କମନା କରିଛନ୍ତି । ଏହି ବୈଠକରେ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ , ଉପସଭାପତ ବଳରାମ ନାୟକ, ଯୁଗ୍ମ ସମ୍ପାଦକ ଅବିନାସ ଜେନା, ସହସମ୍ପାଦକ ଜନ୍ମେଜୟ ଜେନା, କୋଷାଧ୍ୟକ୍ଷ ପ୍ରଭାକର ଜେନା, ସହ କୋଷାଧ୍ୟକ୍ଷ କାର୍ତ୍ତିକ ପ୍ରହରାଜ, ମୁଖପାତ୍ର ଅକ୍ଷୟ ସ୍ୱାଇଁଙ୍କ ସମେତ ମାନଗୋବିନ୍ଦ ଦାସ, ପ୍ରଭାସ ଜେନା, ସଚିତ୍ର ମହାଲା, ମନମୋହନ ରାଉତ, ଗୋଲଖ କର, ପ୍ରଦୀପ ବେହେରା, ଦୀପ୍ତିମୟ ସାମଲ, ରତିକାନ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କାର୍ତ୍ତିକ ନନ୍ଦୀ, ଚନ୍ଦନ ସିଂହ, ବସନ୍ତ ମହାଲା, ବନମାଳୀ ସେନାପତି, ଚର୍ଚ୍ଚିତ ମହାଲା, ପାପନ ଜେନା, ଶିବ ପ୍ରସାଦ ବାରିକ, ପ୍ରଫୁଲ୍ଲ ରଣା, ପ୍ରଦୀପ୍ତ ଜେନା, କରୁଣାକର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ପିସିସି ସଂଖ୍ୟାଲଘୁ ବିଭାଗର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର ,(ପି.ଏନ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଖ୍ୟାଲଘୁ ବିଭାଗର ରାଜ୍ୟ ଅଧ୍ୟକ୍ଷ ଆଡଭୋକେଟ ଜିଆ ଉଲ ହକ୍ ଅଧ୍ୟକ୍ଷତା କରି କହିଲେ ଯେ ଆଜି ବିଜେଡ଼ି ସରକାର ସମୟରେ ସଂଖ୍ୟାଲଘୁ ସଂପ୍ରଦାୟ ଅବହେଳାର ଶୀକାର ହେଉଛନ୍ତି । ଯେଉଁ ସଂଖ୍ୟାଲଘୁ ଅନୁଷ୍ଠାନ ଗୁଡ଼ିକ ରାଜ୍ୟରେ ରହିଛି ସେଗୁଡ଼ିକ ପ୍ରତି ସରକାରଙ୍କର ବୈମାତୃକ ମନୋଭାବ ଯୋଗୁଁ ସ୍ଥାଣୁ ପାଲଟିଯାଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ସଂଖ୍ୟାଲଘୁ ମାନଙ୍କର ସ୍ୱାର୍ଥ ବିରୋଧି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଆଗାମୀ ଦିନରେ ସଂଖ୍ୟାଲଘୁ ସଂପ୍ରଦାୟର ଜନସାଧାରଣଙ୍କୁ ଏକଜୁଟ କରି କଂଗ୍ରେସକୁ ପୁର୍ନବାର କ୍ଷମତାକୁ ଆଣିପାରିଲେ ଗଣତନ୍ତ୍ରର ସୁରକ୍ଷା ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଲେ ଯେ କଂଗ୍ରେସ ସର୍ବଦା ସଂଖ୍ୟାଲଘୁ ଭାଇଭଉଣୀ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିଆସିଛି ଏବଂ ସର୍ବଦା ସେମାନଙ୍କର ସମସ୍ୟା ସମାଧାନ ପାଇଁ ଉଦ୍ୟମ ଜାରି ରଖିବେ ବୋଲି କହିଥିଲେ । ଏଆଇସିସି ମୁଖପାତ୍ର ଶ୍ରୀ ଆଲୋକ ଶର୍ମା ଏବଂ ବିଧାୟକ ସୁରେଶ କୁମାର ରାଉତରାୟ ସଂଖ୍ୟାଲଘୁ ସଂଗଠନକୁ ସୁଦୃଢ଼ କରିବାପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସଂଖ୍ୟାଲଘୁ ରାଜ୍ୟ ପ୍ରଭାରୀ ଅବଦୁଲ କାଲାମ ଖାନ ସଂଗଠନକୁ ବୁଥ ସ୍ତରରୁ ମଜବୁତ କରିବାପାଇଁ ଆହ୍ୱାନ ଦେଇଥିଲେ । ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ବିଜୟ ପଟ୍ଟନାୟକ ସଂଖ୍ୟାଲଘୁ ମାନେ ଏ ସରକାର ସମୟରେ ଅବହେଳିତ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦ୍‌ବୋଧନ ଦେଇ ଏହେତେସାମ ଅହମ୍ମଦ, ଥୋମାସ ମ୍ୟି, ସାଜିଦ ଖାନ, ଏଜାଜ ଅଖତର, ଆକବର ଅଲ୍ଲି, ଅଜଗର ଅଲ୍ଲି, ପ୍ରମୋଦ ବାରିକ୍, ବୁଷ୍ଟାଗ ଅହମ୍ମଦ, ସେକ ଜାଫର, ଇମତିଆଜ ଅହମ୍ମଦ, କମଲେଶ ସାଗର, ସଲମା ଖାତୁନ, ସୟଦା ତୟବ ପ୍ରମୁଖ କହିଲେ ଯେ ତଳସ୍ତରରେ ସଂଖ୍ୟାଲଘୁ ସଂପ୍ରଦାୟ କଂଗ୍ରେସ ସହ ଜଡ଼ିତ ରହିଛି ଏବଂ ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ । କଂଗ୍ରେସ ଦଳ ସଂଖ୍ୟାଲଘୁ ସଂପ୍ରଦାୟକୁ ନିର୍ବାଚନ ସମୟରେ ପ୍ରାଧାନ୍ୟ ଦେବାକୁ ମତବ୍ୟକ୍ତ କରିଥିଲେ । ଶେଷରେ ଭୁବନେଶ୍ୱର ଜିଲ୍ଲା ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ତକ୍ୱିମ୍ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟବୃନ୍ଦ, ଜିଲ୍ଲା ଅଧ୍ୟକ୍ଷ ଓ କର୍ମକର୍ତ୍ତା ଯୋଗଦାନ କରିଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅଟଳ ଟ୍ୟାଙ୍କରି ଲ୍ୟାବ୍ ଉଦ୍‌ଘାଟିତ

ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଦିନ ଅଟଳ ଟ୍ୟାଙ୍କରି ଲ୍ୟାବ୍ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦଘାଟନୀ ସମାରୋହରେ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ୍ ର ସାଧାରଣ ପ୍ରବନ୍ଧକ କୋ.ମୋହନ ରାଓ, ପାରାଦୀପର ପୌରପାଳ ବସନ୍ତ ବିଶ୍ୱାଳ, କଟକ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୌଜ୍ଞାନିକ ସୁଦର୍ଶନ ସାସମଲ,ଶିକ୍ଷା ବିକାଶ ସମିତିର ସଭାପତି ଡ.କିଶୋର ମହାନ୍ତି, ଇଫକୋ ପାରାଦୀପ ୟୁନିଟ୍‌ର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ । ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଡା.ଦେବଦତ୍ତ ସାମନ୍ତରାୟ । ଉତ୍ସବ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ପରିଚାଳନା କମିଟିର ଉପସଭାପତି ନୃସିଂହ ପ୍ରସାଦ ଶତପଥି । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଆଚାର୍ଯ୍ୟ ଚିତ୍ତ ରଂଜନ ବେହେରା । ସାଧଅରଣ ଶିକ୍ଷା ସହିତ ଛାତ୍ରଛାତ୍ରୀମାନଙ୍କୁ ଧନ୍ଦାମୂଳକ ଶିକ୍ଷା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିତୀ ଆୟୋଗ ବିଦ୍ୟାଳୟମାନଙ୍କରେ ଅଟଳ ଟ୍ୟାଙ୍କରି ଲ୍ୟାବ୍ ଖୋଲିବା ପାଇଁ ଯୋଜନା କରଛନ୍ତି । ଏହି ଟ୍ୟାଙ୍କରି ଲ୍ୟାବ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରିବା ପରେ ସେଠାରେ ପରୀକ୍ଷଣ କରିବା ସହିତ ନୂତନ ପଦାର୍ଥ ଉଦ୍ଭାବନ କରିପାରିବେ ବୋଲି ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ କହିଛନ୍ତି । ଇଫକୋ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray